### ପୋତିହେଲାଣି ସହରର ଶତାଧିକ ନଳକୂପ

# 'ୱାଟ୍‌କୋ' ନିଦାବିଷ୍ଟ, ଲୋକେ ହନ୍ତସନ୍ତ

**ବ୍ରହ୍ମପୁର, ୩୧।୧(ସମିସ)**

ସହରରେ ହଜାରରୁ ଅଧିକ ସଂଖ୍ୟାରେ ନଳକୂପ ଥିବାବେଳେ ୱାଟକୋ ପକ୍ଷରୁ ଏହାକୁ ସଠିକ୍ ତଥା ସମୟୋପଯୋଗୀ ରକ୍ଷଣାବେକ୍ଷଣ କରାଯାଉନଥିବା ଦେଖିବାକୁ ମିଳିଛି। ଯାହାଫଳରେ ସହରରେ ଶତାଧିକ ନଳକୂପ ପୋତି ହେବାକୁ ବସିଛି। ବର୍ଷ ବର୍ଷ ଏଭଳି ସମସ୍ୟା ରହିଥିବା ବେଳେ ୱାଟକୋ ପକ୍ଷରୁ ଏହାକୁ ଉଦ୍ଧାର ମଧ୍ୟ କାରାଯାଉ ନାହିଁ। ଫଳରେ ନଳକୂଅ ଗୁଡ଼ିକ ଏବେ ଅଚଳ ପଡ଼ି ନଷ୍ଟ ହେବାକୁ ଲାଗିଲାଣି। ନଳକୂପ ଗୁଡିକ ପୋତି ହୋଇଯିବା ଫଳରେ ଲୋକେ ଏହାକୁ ବ୍ୟବହାର କରିବା ତ ଦୂରର କଥା ଏଥିପାଇଁ ବିଭିନ୍ନ ସମୟରେ ଦୁର୍ଘଟଣା ମଧ୍ୟ ଘଟୁଥିବା ଦେଖିବାକୁ ମିଳୁଛି। ବ୍ରହ୍ମପୁର ମହାନଗର ନିଗମରେ ମୋଟ ୪୨ଟି ୱାର୍ଡରେ ପ୍ରାୟ ୧୩୩୬ଟି ନଳକୂପ ରହିଛି। ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଅବହେଳାରୁ ସହରର ଥିବା ବହୁ ନଳକୂପ ଏବେ ମାଟିତଳେ ପୋତି ହୋଇ ଏବେ ଅଲୋଡ଼ା ହୋଇ ପଡ଼ିଛି। ସହରରେ ବିଭିନ୍ନ ସାହିର ରାସ୍ତାକୁ ଉଚ୍ଚା ଓ ପ୍ରଶସ୍ତ କରାଯାଇଥିଲେ ହେଁ ଏହି ସମୟରେ ମଧ୍ୟ ଅନେକ ନଳକୂପକୁ ଉପରକୁ ଉଠା ଯାଇନଥିବା ଦେଖିବାକୁ ମିଳିଛି। ଫଳରେ ସେସବୁ ରାସ୍ତା ମଧ୍ୟରେ ପୋତି ହୋଇଯାଇଛି। ଏଭଳି ସମସ୍ୟା ନେଇ ସ୍ଥାନୀୟ ବାସିନ୍ଦା ବହୁବାର ଅଭିଯୋଗ କରିଥିଲେ ହେଁ ସମସ୍ୟାର ଆଶୁ ସମାଧାନ ହୋଇପାରିଲା ନାହିଁ। ଏଭଳି ଦୃଶ୍ୟ ବ୍ରହ୍ମପୁର ସହରର ରଙ୍ଗୁଣିବନ୍ଧ ସାହି, ପୁରୁଣା ବ୍ରହ୍ମପୁରର ନିଳାଞ୍ଚଳ ସାହି, ବାଲୁଙ୍କେଶ୍ୱର ମନ୍ଦିର ଛକ, ସାନ ରେଢ଼ୀକା ସାହି, ବ୍ରହ୍ମପୁର ନଗର ଚିକିତ୍ସାଳୟ ପରିସର ଓ ଏମକେସିଜି ମେଡିକାଲ ପରିସର ସମେତ ସହରରେ ଅନେକ ସ୍ଥାନରେ ଏଭଳି ବହୁ ନଳକୂପ ପୋତି ହୋଇଥିବା ଦେଖିବାକୁ ମିଳିଛି। କିଛିସ୍ଥାନରେ ପାଣି ଜମି ରହିବା ଫଳରେ ଦୁର୍ଗନ୍ଧ ବାହାରୁଥିବା ପରିଲକ୍ଷିତ ହୋଇଛି। ଏସବୁ ଅଭିଯୋଗକୁ ବିଭାଗୀୟ ଅଧିକାରୀମାନେ ଗୁରୁତ୍ୱ ଦେଉନଥିବା ଅଭିଯୋଗ ହୋଇଛି। ଏଥିସହ ବିଭିନ୍ନ ସ୍ଥାନରେ ଥିବା ଅଚଳ ନଳକୂପକୁ ମରାମତି ପାଇଁ ଲୋକେ ବାରମ୍ବାର ଅଭିଯୋଗ କଲାପରେ ମଧ୍ୟ ସେଗୁଡ଼ିକର ମରାମତି ହେଉନଥିବା ଅଭିଯୋଗ ହୋଇଛି। ଏଭଳି କ୍ଷେତ୍ରରେ କିଛିସ୍ଥାନରେ ସ୍ଥାନୀୟ ଲୋକେ ବାଧ୍ୟ ହୋଇ ନିଜ ଅର୍ଥରେ ନଳକୂପ ମରାମତି କରୁଛନ୍ତି। ଏ ସମ୍ପର୍କରେ ୱାଟକୋ ଜେନେରାଲ ମ୍ୟାନେଜର ଇଂ ବିକାଶ ପଢ଼ୀ କହିଛନ୍ତି ସହରର ବିଭିନ୍ନ ସାହିରେ ରାସ୍ତା ମରାମତି କରିବା ସହ ରାସ୍ତାର ଉଚ୍ଚତା ବୃଦ୍ଧି ସମୟରେ କିଛି ନଳକୂଅ ପୋତି ହୋଇଯାଇଛି। ତାହା ବିଭାଗ ନଜରକୁ ଆସିଲେ ନଳକୂପ ଗୁଡ଼ିକୁ ଉଠାଇ ବ୍ୟବସ୍ଥିତ କରାଯାଇଥାଏ। ଏସବୁର ମରାମତି ପାଇଁ ୩ଜଣ କର୍ମଚାରୀ ନିୟୋଜିତ ଅଛନ୍ତି। ଏବଂ ସ୍ଥାନୀୟ ବାସିନ୍ଦା ଓ କର୍ପୋରେଟରମାନେ ଅଭିଯୋଗ କଲେ ଅଚଳ ନଳକୂଅକୁ ମରାମତି କରାଯାଉଛି ବୋଲି ସେ ନିଜ ପ୍ରତିକ୍ରିୟାରେ ସଫେଇ ଦେଇଛନ୍ତି।



# 'ଆମ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

**କବିସୂର୍ଯ୍ୟନଗର, ୩୧।୧(ସମିସ):** କବିସୂର୍ଯ୍ୟନଗର ବ୍ଲକ ସୁନାପଲ୍ଲୀ ଠାରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଆସିକା ସାଂସଦ ପ୍ରତିନିଧି ସତ୍ୟବାନ ସାହୁ, ସମ୍ମାନିତ ଅତିଥି ବ୍ଲକ ଉପାଧ୍ୟକ୍ଷ ବୀରେନ୍ଦ୍ର ଖଟେଇ, ବିଡିଓ ସାଗରିକା ଷଡଙ୍ଗୀ, ଜିଲ୍ଲା ପରିଷଦ ସନ୍ତୋଷ କୁମାର ପାଢ଼ୀ ଯୋଗଦେଇ ସରକାରଙ୍କ ବିଭିନ୍ନ ଉନ୍ନୟନ ଯୋଜନା ଲୋକଙ୍କୁ ସଚେତନ କରାଇଥିଲେ। ଅନ୍ୟାନ୍ୟ ଅତିଥି ମଧ୍ୟରେ ବାଉଁସିଆ ସମିତି ସଭ୍ୟା ପ୍ରତିନିଧି ଗୋପୀନାଥ ନାୟକ, ଖଜାପଲ୍ଲୀ ସରପଞ୍ଚ ପ୍ରତିନିଧି ହୃଦାନନ୍ଦ ପ୍ରଧାନ, ବିଏସଏସଓ ରାମଚନ୍ଦ୍ର ଜେନା, ଏମଆଇ ନିଖିଳ ମୋହନ ବସ୍ତିଆ, ଏବିଡିଓ ନାରାୟଣ ବେହେରା, ସାଂସଦ ପ୍ରତିନିଧି ସତ୍ୟବାନ ସାହୁ, ବିଡିଓ ସାଗରିକା ଷଡଙ୍ଗୀ, ଉପାଧ୍ୟକ୍ଷ ବୀରେନ୍ଦ୍ର ଖଟେଇ, ଜିଲ୍ଲା ପରିଷଦ ସନ୍ତୋଷ କୁମାର ପାଢ଼ୀ, ସୁନାପଲ୍ଲୀ ସରପଞ୍ଚ ଝୁନୁଲତା ଦାସ, ସୁନାପଲ୍ଲୀ ସମିତି ସଭ୍ୟା ଗୀତା ଯାନୀ, ସିଡିପିଓ ବୀଣାପାଣି ମିଶ୍ର, ସୁପରଭାଇଜର ଗୀତା ମୁଦୁଲି, ନନ୍ଦିଆଗଡ଼ା ସରପଞ୍ଚ ରାଜଲକ୍ଷ୍ମୀ ଦାସ, ବୁଢ଼ାମ୍ବ ସରପଞ୍ଚ ପ୍ରତିନିଧି ଯଜ୍ଞପ୍ରସାଦ ପଣ୍ଡା, ଆଠଗଡ଼ ସମିତି ସଭ୍ୟା ପ୍ରତିନିଧି ସୁନୀଲ କୁମାର ପୋଲାଇ, ବଡ଼ମହୁରି ସମିତିସଭ୍ୟ ଟି. ବ୍ରଜେନ୍ଦ୍ର ପ୍ରଧାନ, ଜିପିଇଓ ପ୍ରଭଞ୍ଜନ ପରିଡ଼ା, ସଂଯୋଜକ ତଥା ପ୍ରଧାନ ଶିକ୍ଷକ ଦିବାକର ଶତପଥୀ, ଆଠଗଡ଼ ସରପଞ୍ଚ ପ୍ରତିନିଧି ଆଦିତ୍ୟ କୁମାର ତ୍ରିପାଠୀ, ସୁନାପଲ୍ଲୀ ସରପଞ୍ଚ ପ୍ରତିନିଧି ରାଜେଶ ଦାସ, ସୁବଳୟା ସରପଞ୍ଚ ରାଜେନ୍ଦ୍ର ପ୍ରଧାନ, ବାଉଁସିଆ ସରପଞ୍ଚ ପ୍ରତିନିଧି ଗୌତମ ଦାସ, ବୋରିସିଂ ସରପଞ୍ଚ ପ୍ରତିନିଧି ମୋହନ ବାରିକ, ଗଙ୍ଗାପୁର ସରପଞ୍ଚ ପ୍ରତିନିଧି କିରଣ କୁମାର ସେଠୀ, ଜରଡ଼ ସରପଞ୍ଚ ପଦ୍ମଚରଣ ନାହାକ, ଜରଡ଼ ସମିତି ସଭ୍ୟ ରାଜେଶ କୁମାର ତ୍ରିପାଠୀ, ପାଇକ ଯମୁନା ସମିତି ସଭ୍ୟ ଟୁନା ବିଷୋୟୀ, ସିଆଳିଆ ସରପଞ୍ଚ ପ୍ରତିନିଧି ଭଗବାନ ରାଉତ ପ୍ରମୁଖ ବହୁ ଜନପ୍ରତିନିଧି ଯୋଗ ଦେଇଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଶିକ୍ଷକ ନବୀନ ଗୌଡ଼, ହଟକିଶୋର ଗୌଡ଼, ପ୍ରଫୁଲ୍ଲ ଗୌଡ଼, ଅବଦୁଲ ମଜିଦ, କବିରାଜ ସାହୁ, ପ୍ରଶ୍ନ ପ୍ରଧାନ, ଘନଶ୍ୟାମ ଖଟେଇ, ହରିବନ୍ଧୁ ନାୟକ, ବିପ୍ର ଚରଣ ସ୍ୱାଇଁ, ଶ୍ରୀନାଥ ଚନ୍ଦ୍ର ପ୍ରଧାନ, ବିପ୍ର ଚରଣ ତରାଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲଶ। ସାମ୍ବାଦିକ କୃପାସିନ୍ଧୁ ସ୍ୱାଇଁ, ପୀତବାସ ପଣ୍ଡା ଓ ଅଜିତ ଦାସ, ୟୁଟ୍ୟୁବର ସରୋଜ ମିଶ୍ର, କୃଷ୍ଣ ନାହାକ, ସନ୍ତୋଷ ସ୍ୱାଇଁ ଓ ବବ୍ରୁବାହାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।



### ନୂଆଗଡ଼ ପଞ୍ଚାୟତ ସମିତି ସାଧାରଣ ବୈଠକ

# ବହୁ ବିଭାଗୀୟ କର୍ମଚାରୀଙ୍କ ଅନୁପସ୍ଥିତି ନେଇ ଅସନ୍ତୋଷ

**ନୂଆଗଡ଼, ୩୧।୧(ସମିସ)**

ଗଜପତି ଜିଲ୍ଲା ନୂଆଗଡ଼ ପଞ୍ଚାୟତ ସମିତି ସଦଭାବନା ସଭାଗୃହରେ ବ୍ଲକ ଅଧ୍ୟକ୍ଷା ମାଳତୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତ ସମିତିର ସପ୍ତମ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ମୋହନା ବିଧାୟକ ଦାଶରଥି ଗମାଙ୍ଗ, ଉପାଧ୍ୟକ୍ଷ ନିହୀମିୟା ରଇତ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲୋକନାଥ ଶବର, ସହକାରୀ ଯନ୍ତ୍ରୀ ପ୍ରଦ୍ୟୁମ୍ନ କୁମାର ଦାସ, ଭାରପ୍ରାପ୍ତ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ତଥା ପିଇଓ ନରସିଂହ ମିଶ୍ର ମଞ୍ଚାସୀନ ଥିଲେ। ଏଥିରେ ବିଭିନ୍ନ ବିଭାଗର କର୍ମଚାରୀ ଉପସ୍ଥିତ ରହି ସରକାରଙ୍କ ବିଭିନ୍ନ ଯୋଜନା ମାଧ୍ୟମରେ ଉନ୍ନୟନ କାର୍ଯ୍ୟ ବିଷୟରେ ବିଭାଗୀୟ ଅଧିକାରୀ ସମସ୍ତଙ୍କ ସମ୍ମୁଖରେ ଉପସ୍ଥାପନ ସହ ଆଲୋଚନା କରିବା ନିୟମ ରହିଛି। କିନ୍ତୁ ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଅନୁଯାୟୀ ପଞ୍ଚାୟତ ସମିତିର ସାଧାରଣ ବୈଠକରେ ସ୍ୱାସ୍ଥ୍ୟ ବିଭାଗ, ଓଡ଼ିଶା ଜୀବିକା ମିଶନ, ମିଶନ ଶକ୍ତି, ବିଦ୍ୟୁତ ବିଭାଗ, ପ୍ରାଣୀ ଚିକିତ୍ସା ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ମତ୍ସ୍ୟ ବିଭାଗ, ବନ ବିଭାଗ, ପୂର୍ତ୍ତ ବିଭାଗ, ଜଳଯୋଗାଣ ଓ ପରିମଳ ବିଭାଗ କର୍ମଚାରୀ ଅନୁପସ୍ଥିତ ରହିଥିଲେ। ଏହିସବୁ ବିଭାଗର କର୍ମଚାରୀଙ୍କ ଅନୁପସ୍ଥିତ ଯୋଗୁ ଜନପ୍ରତିନିଧିମାନେ କ୍ଷୋଭ ପ୍ରକାଶ କରିଥିଲେ।

ପ୍ରଥମେ ଭାରପ୍ରାପ୍ତ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପିଇଓ ନରସିଂହ ମିଶ୍ର ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ଏଥିସହ ଶିକ୍ଷା, ମହିଳା ଓ ଶିଶୁ ବିକାଶ, କୃଷୀ, ଉଦ୍ୟାନ ବିଭାଗ, ସାମାଜିକ ସୁରକ୍ଷା ବିଭାଗ, ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ଗ୍ରାମ୍ୟ ଗୃହ ନିର୍ମାଣ ବିଭାଗ, ସମ୍ମାନିତ ଆଦିବାସୀ ଉନ୍ନୟନ ଓ କଲ୍ୟାଣ ଯୋଜନା, ଜଳଛାୟା ବିକାଶ ଓ ମୃତ୍ତିକା ସଂରକ୍ଷଣ ବିଭାଗର କେଉଁ କେଉଁ ଯୋଜନା ମାଧ୍ୟମରେ ଉନ୍ନୟନ କାର୍ଯ୍ୟ ହୋଇଛି ଏବଂ ଆଗକୁ ହେବାକୁ ଅଛି ସେବିଷୟରେ ବିଭାଗୀୟ ଅଧିକାରୀ ସମସ୍ତଙ୍କୁ ଜଣାଇ ଆଲୋଚନା କରିଥିଲେ। ଏଥିରେ ମୁଖ୍ୟତଃ ବ୍ଲକର ବିଭିନ୍ନ ସ୍ଥାନରେ ପାନୀୟ ଜଳ, ପରିମଳ, ବିଦ୍ୟୁତ୍, ଗ୍ରାମାଞ୍ଚଳରେ ରାସ୍ତା ସମସ୍ୟା ନେଇ ଜନ ପ୍ରତିନିଧି ଅଭିଯୋଗ କରିଥିଲେ। ବ୍ଲକର ୧୯ ପଞ୍ଚାୟତ ସରପଞ୍ଚ, ସମିତିସଭ୍ୟ ସଭ୍ୟା, ଗ୍ରାମ ସେବକ ଏବଂ କେତେକ ଲାଇନ ବିଭାଗ କର୍ମଚାରୀ ଉପସ୍ଥିତ ଥିଲେ। ଜିପିଇଓ ନରସିଂହ ମିଶ୍ର ବୈଠକକୁ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।




# ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ



**ଖଲ୍ଲିକୋଟ, ୩୧।୧(ସମିସ):** ଖଲ୍ଲିକୋଟ ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ସ୍ଥାନୀୟ କନକ ମଞ୍ଜରୀ କଲ୍ୟାଣ ମଣ୍ଡପରେ ଆମ ଓଡ଼ିଶା ନବୀନ ଓଡ଼ିଶା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏନଏସି ଅଧ୍ୟକ୍ଷ ଇଂ. ନିରଞ୍ଜନ ବେହେରା ଓଡ଼ିଶା ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ କାଉନସିଲର ପ୍ରଦୀପ କୁମାର ପଟ୍ଟନାୟକ, ସୁଜାତା କୁମାରୀ ସାମନ୍ତ, ବଳରାମ ବେହେରା, ସନ୍ତୋଷୀ ଦାସ, କାଳିଆ ପରିଡ଼ା, ନିର୍ବାହୀ ଅଧିକାରୀ ରାଜେଶ କୁମାର ମହାପାତ୍ରଙ୍କ ସମେତ ଜାଗା ସଂଯୋଜକ ରାଜେଶ୍ୱର ପାତ୍ର, ଗୋଷ୍ଠୀ ସଙ୍ଗଠିକା ପ୍ରଭାସିନୀ ନାୟକ, କାର୍ଯ୍ୟକ୍ରମ ସହାୟକ ସତ୍ୟନାରାୟଣ ପଣ୍ଡା, ଯନ୍ତ୍ରୀ ହିସି ହଂସଦା, ହିସାବ ରକ୍ଷକ ସ୍ମିତା ଶୁଭ ଦର୍ଶନୀ, ମୁକ୍ତା ପ୍ରକଳ୍ପ ସଂଯୋଜକ ବିଧୁ ଭୂଷଣ ମହାଙ୍କୁଡ ଏବଂ ଜଗନ୍ନାଥ ସାମଲ, ମୁକ୍ତା ଯନ୍ତ୍ରୀ ରାକେଶଚନ୍ଦ୍ର ନାୟକ, ମୁକ୍ତା ହିସାବ ରକ୍ଷକ ଶାନ୍ତିବାଳା ପାତ୍ର, ଏମଆଇସି ହିମାଂଶୁ ଭୂଷଣ ମହାପାତ୍ର ଓ ପରିଷଦର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ସୋରଡ଼ା, ୩୧।୧(ସମିସ):** ବୁଧବାର ସୋରଡ଼ା ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟର କାର୍ଯ୍ୟରତ ସହକାରୀ ଶିକ୍ଷକ ଗୋପାଳକୃଷ୍ଣ ନାୟକ ଚାକିରୀରୁ ଅବସର ଗ୍ରହଣ କରିଛନ୍ତି। ସବୁଦିନ ଭଳି ଆଜି ମଧ୍ୟ ଶିକ୍ଷକ ଜଣଙ୍କ ନିଜର କାର୍ଯ୍ୟ ସମ୍ପାଦନ କରିଥିଲେ। ଏବଂ ଦିବସର ଶେଷ ମୁହୂର୍ତ ଏକ ଅବିସ୍ମରଣୀୟ ମୁହୂର୍ତ ଭାବେ କଟିଥିଲା। କାରଣ କେହି କିଛି ଜାଣି ନ ଥିବା ବେଳେ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରିୟଦର୍ଶିନୀ ନାୟକ ତାଙ୍କୁ ସମ୍ବର୍ଦ୍ଧନା ଦେବା ସହ ଅବସରକାଳୀନ ସମସ୍ତ କାଗଜ ପତ୍ର ନେଇ ଶେଷ ମୁହୂର୍ତ୍ତରେ ଭେଟି ଦେଇଥିଲେ। ଯାହାକି ଅନ୍ୟ ସମସ୍ତ କର୍ମଚାରୀ ଦେଖି ଚକିତ ହେବା ସହିତ ସାଧୁବାଦ ଜଣାଇଥିଲେ। ଏବଂ ଏହି ଅଞ୍ଚଳ ପାଇଁ ନୂଆ ଘଟଣା ସହିତ ନିଜର ଅବସରକାଳୀନ କାଗଜ ପତ୍ର ପାଇଁ ବାରମ୍ବାର ଦୌଡୁଥିବାବେଳେ ନବୀନ ସରକାରଙ୍କ ୫-ଟିର ଶ୍ରେଷ୍ଠ ନମୁନା ବୋଲି କହିଛନ୍ତ ଶିକ୍ଷକ ଜଣଙ୍କ। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କାଳୀଚରଣ ପ୍ରଧାନଙ୍କ ସମେତ ସମସ୍ତ ଶିକ୍ଷକ ଓ କର୍ମଚାରୀ ଶେଷ ମୁହୂର୍ତ୍ତରେ ଗୋଛା, ଅମ୍ବଟାଲା, ଲାଠିପଡ଼ା ବି କୋଟିବାଡି ଇତ୍ୟାଦି ସିଆରସିସି ମାନେ ଯୋଗଦେଇଥିଲେ।



# ଓଡ଼ିଆ ଭାଷା ସାହିତ୍ୟ ସମ୍ମିଳନୀ

**କବିସୂର୍ଯ୍ୟନଗର, ୩୧।୧(ସମିସ):** ସ୍ଥାନୀୟ ଡ଼. ଘନଶ୍ୟାମ ମିଶ୍ର ସଂସ୍କୃତ ମହାବିଦ୍ୟାଳୟ ପକ୍ଷରୁ ଆୟୋଜିତ ନୂଆ -ଓ ଓଡ଼ିଆ ସାହିତ୍ୟ ଭାଷା ସମ୍ମିଳନୀ ଉଦଯାପିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଅବନିରଞ୍ଜନ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଆଞ୍ଚଳିକ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ ଡ଼. ସିଦ୍ଧାର୍ଥ ଶଙ୍କର ପାଢ଼ୀ, ମୁଖ୍ୟବକ୍ତା ପରିଚାଳନା କମିଟି ସଭାପତି ଡ଼. ପ୍ରସନ୍ନ କୁମାର ଦଳାଇ, ସମ୍ମାନିତ ଅତିଥି ଗଞ୍ଜାମ ଜିଲ୍ଲା କ୍ରୀଡା ଅଧିକାରୀ ସନ୍ତୋଷ କୁମାର ସାହୁ, ବେଦଧ୍ୱନି ଉଚ୍ଚାରକ ଅଧ୍ୟାପକ ହେମନ୍ତ କୁମାର ଗନ୍ତାୟତ, କବିସୂର୍ଯ୍ୟବଳଦେବ ବିଜ୍ଞାନ କଲେଜ ପରିଚାଳନା ସମିତି ସଭାପତି ସୁରେନ୍ଦ୍ର ନାୟକ, ଶିକ୍ଷାବିତ କିଶୋର ପଣ୍ଡା ନିଜ ନିଜର ମନ୍ତବ୍ୟ ପ୍ରଦାନ କରିଥିଲେ। ସ୍ୱାଗତ ଭାଷଣ ଦେଇଥିଲେ ଅଧ୍ୟାପିକା ଡ଼. ସୌଭାଗ୍ୟ ମଞ୍ଜରୀ ନାଥ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ନୋଡାଲ ଅଫିସର ରୁନି ପାଣିଗ୍ରାହୀ ସଂଯୋଜନା କରିଥିଲେ। ଅଧ୍ୟାପକ ହେମନ୍ତ କୁମାର ଦାସ, ଚିତ୍ତରଞ୍ଜନ ମିଶ୍ର, ନରସିଂହ ପାଢ଼ୀ, ହେମନ୍ତ କୁମାର ଗନ୍ତାୟତ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ସୁଇଟି ସ୍ୱାଇଁ, ଧରିତ୍ରୀ ପ୍ରଧାନ, ବାବୁଲା ମଣ୍ଡଳ ଏବଂ ସୀତାପତି ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ର ବିକ୍ରମ ସ୍ୱାଇଁ ଓ ଦେବାଶିଷ ପାତ୍ର ସହଯୋଗ କରିଥିଲେ।




# ବ୍ରହ୍ମପୁରରେ ନୂଆ ଉପଜିଲ୍ଲାପାଳଙ୍କ ଦାୟିତ୍ୱ ଗ୍ରହଣ

**ବ୍ରହ୍ମପୁର, ୩୧।୧(ସମିସ):** ବ୍ରହ୍ମପୁର ଉପଖଣ୍ଡର ଉପ-ଜିଲ୍ଲାପାଳ ଭାବେ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି ୨୦୨୧ବ୍ୟାଚର ଭାରତୀୟ ପ୍ରଶାସନିକ ସେବା ଅଧିକାରିଣୀ ଧୃନା ଦସ୍ତାଗର। ଉପ-ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀଙ୍କଠାରୁ ସେ ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି। ବ୍ରହ୍ମପୁର ଉପ-ଜିଲ୍ଲାପାଳ ଭାବେ ନିଜର ଚାକିରି ଜୀବନ ଆରମ୍ଭ କରିଛନ୍ତି ସେ। ଆଗାମୀ ଦିନରେ ହେବାକୁ ଥିବା ସାଧାରଣ ନିର୍ବାଚନ କିପରି ସୁଚାରୁ ରୂପେ ସମ୍ପାଦିତ ହେବ ସେଥିପ୍ରତି ଗୁରୁତ୍ୱ ଦିଆଯିବ ବୋଲି ଉପଜିଲ୍ଲାପାଳ ଧୃନା ଦସ୍ତାଗର କହିଛନ୍ତି। ସେହିପରି ବ୍ରହ୍ମପୁର ଉପ-ଜିଲ୍ଲାପାଳ ଥିବା ଆଶୁତୋଷ କୁଲକର୍ଣ୍ଣୀଙ୍କୁ ରାଉରକେଲା ମହାନଗର ନିଗମ କମିଶନର ଭାବେ ବଦଳି ହୋଇଛି। ସୂଚନାଯୋଗ୍ୟ ଯେ, ୨୦୨୩ମସିହାରେ ଗଞ୍ଜାମ ଜିଲ୍ଲାରେ ପ୍ରୋବେସନାରୀ ଅଫିସର ଭାବେ ଧୃନା ଦସ୍ତାଗର କାର୍ଯ୍ୟରତ ଥିଲେ। ଗତ ବର୍ଷ ଜୁନ ମାସରେ ନିଜର ପ୍ରୋବେସନାରୀ ସମୟ ସରିବା ପରେ ଉତ୍ତରାଖଣ୍ଡର ମସୁରୀ ସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀ ନ୍ୟାସନାଲ ଏକାଡେମୀ ଫର ଆଡମିନଷ୍ଟ୍ରେସନରେ ଅଧ୍ୟୟନରତ ଥିଲେ। ବ୍ରହ୍ମପୁର ଉପଜିଲ୍ଲାପାଳ ଭାବେ ଦାୟିତ୍ୱ ନେବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।



# ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ

**ଫିରିଙ୍ଗିଆ, ୩୧।୧(ସମିସ):** ଚବିଶ ବର୍ଷ ପରେ ଗୋଛାପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀ ଏକତ୍ର ହୋଇଥିଲେ। ୨୦୦୦ ମସିହା ବ୍ୟାଚ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ପିଲାସାଲୁଙ୍କି ଡ୍ୟାମ୍ ନିକଟରେ ଅନୁଷ୍ଠିତ ହୋଇଥିଲା। ପ ୨୨ଜଣ ପୁରାତନ ଛାତ୍ରଛାତ୍ରୀ ଅଭିରାମ କହଁର, ସୁବ୍ରତ ନାୟକ, ପାରେଶ୍ୱର କହଁର, ଜୟସେନ କହଁର, ଦ୍ୱିତୀକୃଷ୍ଣ କହଁର, ବିରୁପାକ୍ଷ କହଁର, ଗୀତାଞ୍ଜଳି ନାୟକ, ଦେବକୀ କହଁର, କଇଁଫୁଲ କହଁର, ସନାତନ କହଁର, ଜିସୟା କହଁର, ମନ୍ମଥ ଦିଗାଲ, ବିଦୁର ଦିଗାଲ, ସୋମନାଥ ମଲ୍ଲିକ, ପ୍ରଶାନ୍ତ ମଲ୍ଲିକ, ପ୍ରଶାନ୍ତ କହଁର, କାମରାଜ କହଁର, ଅଜିତ ମଲ୍ଲିକ, ଅତନୁ କୁମାର ସାହାଣୀ, ଅରୁଣ ଦିଗାଲ ଏଥିରେ ଯୋଗ ଦେଇଥିଲେ। ଏହି ଅବସରରେ ପୁରାତନ ବିଦ୍ୟାର୍ଥୀଙ୍କ ମଧ୍ୟରେ କର୍ମକର୍ତ୍ତା ଚୟନ ହୋଇଥିଲା। ଅଭିରାମ କହଁର ସମ୍ପାଦକ, ସଭାପତି ସୁବ୍ରତ ନାୟକ ଏବଂ ସହସମ୍ପାଦକ ଭାବେ ବିରୁପାକ୍ଷ କହଁରଙ୍କୁ ମନୋନୟନ କରାଯାଇ କମିଟି ଗଠନ କରାଯାଇଥିଲା। କମିଟିର ଉପଦେଷ୍ଟା ଭାବରେ ସନାତନ କହଁର, ଦ୍ୱିତୀକୃଷ୍ଣ କହଁର, ପାରେଶ୍ୱର କହଁର, ଗୀତାଞ୍ଜାଳୀ ନାୟକ, ଦେବକୀ କହଁରଙ୍କୁ ଚୟନ କରାଯାଇଥିଲା। ଅନ୍ୟମାନଙ୍କୁ ସଦସ୍ୟ ଭାବରେ ବଛାଯାଇ ଏକ ସଞ୍ଚୟ ଜମା ଖାତା ଖୋଲିବାକୁ ନିଷ୍ପତ୍ତି ନିଆଯାଇଥିଲା।



# ପଞ୍ଚାୟତସ୍ତରୀୟ ସଚେତନତା ଶିବିର



**ରାୟଗଡ଼, ୩୧।୧(ସମିସ):** ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ଡ଼ମ୍ବାଳ ପଞ୍ଚାୟତ କାର୍ଯ୍ୟାଳୟରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ମାଧ୍ୟମରେ ପଞ୍ଚାୟତ ସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସରପଞ୍ଚ ବିଶ୍ୱନାଥ ଭୂୟାଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାୟକ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଟିଡିସିସି ଓଏଏଲ୍ ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ଗମାଙ୍ଗ, ଉପାଧ୍ୟକ୍ଷ ଜ୍ୟୋତି ପ୍ରସାଦ ପାଣି, ଜିଲ୍ଲା ପରିଷଦ ସଭ୍ୟ ପିତାମ୍ବର ନାୟକ, ସିଡ଼ିପିଓ ତେରେସ୍କୋଭା ମଲ୍ଲିକ, ସହକାରୀ ନିର୍ବାହୀ ଯନ୍ତ୍ରୀ ସସ୍ମିତା କୁମାରୀ ଜେନା, ଭାରପ୍ରାପ୍ତ ଜିପିଓ ସେନାପତି ଶବର, ଉଦ୍ୟାନ ବିଭାଗ ଅଧିକାରୀ ପ୍ରଭାତ କୁମାର ପାତ୍ର ଓ ମିଶନ ଶକ୍ତି ବିପିସି ଅମ୍ରିତ ପରିଚ୍ଛା ମଞ୍ଚାସୀନ ଥିଲେ। ସରକାର ଅନେକ ଯୋଜନା ହାତକୁ ନେଇଛନ୍ତି ହେଲେ ଲୋକେ ଠିକ୍ ଭାବେ ଜାଣି ନ ପାରିବାରୁ ବିଭିନ୍ନ ଯୋଜନାରେ ଯୋଗ୍ୟ ହିତାଧିକାରୀ ବଞ୍ଚିତ ହେଉଛନ୍ତି। ତେଣୁ ସରକାରଙ୍କ ତରଫରୁ ଏଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କୁ ସଚେତନତା କରିବା ସହ ଗ୍ରାମାଞ୍ଚଳର ଭିତ୍ତିଭୂମିର ବିକାଶ ପାଇଁ ରାଜ୍ୟ ସରକାର ଏଭଳି ପଦେକ୍ଷପ ନେଇଛନ୍ତି ବୋଲି ଶ୍ରୀ ଗମାଙ୍ଗ କହିଥିଲେ। ଏଥିରେ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଇଥିଲେ। ଏଥିରେ କୃଷି ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ସମ୍ବନିତ ଶିଶୁ ବିଭାଗ, ମିଶନ ଶକ୍ତି, ଓଡ଼ିଶା ଜୀବିକା ମିଶନ ଓ ଶିକ୍ଷା ବିଭାଗ ପକ୍ଷରୁ ଷ୍ଟଲ୍ ପଦର୍ଶନ କରାଯାଇଥିଲା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପଞ୍ଚାୟତ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ମିଶନ ଶକ୍ତି ମହିଳା, ଅଙ୍ଗନବାଡ଼ି କର୍ମୀ, ଆଶା, ବୁଦ୍ଧିଜୀବି, ଅଞ୍ଚଳବାସୀ ଉପସ୍ଥିତ ଥିଲେ।

# ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ




**ବୁଗୁଡା, ୩୧।୧(ସମିସ):** ବାଲିପଦର ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ ଶିବିର ଉଦଯାପିତ ହୋଇଯାଇଛି। ଅଧ୍ୟକ୍ଷ କୈଳାସ ଚନ୍ଦ୍ର ସେନାପତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବୁଗୁଡ଼ା ବ୍ଲକ ଅଧ୍ୟକ୍ଷା କେ. ପ୍ରିୟଦର୍ଶିନୀ ଆଚାରୀ, ମୁଖ୍ୟବକ୍ତା ଭାବେ ବାଲିପଦର ଡିଗ୍ରୀ କଲେଜ ଅଧ୍ୟକ୍ଷ ବିବେକାନନ୍ଦ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ସରପଞ୍ଚ ରାଜଲକ୍ଷ୍ମୀ ପ୍ରଧାନ ଯୋଗଦେଇ ଛାତ୍ରୀମାନଙ୍କୁ ମାର୍ଗ ଦର୍ଶନ କରିଥିଲେ। ମାଷ୍ଟର ଟ୍ରେନର୍ ଭାବେ ପ୍ରିୟଙ୍କା ସ୍ୱାଇଁ ଯୋଗ ଦେଇ ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। କୋର୍ଡିନେଟର ସୁଜାତା କୁମାରୀ ପଟ୍ଟନାୟକ ଶିବିରକୁ ପରିଚାଳନା କରିଥିବାବେଳେ ପ୍ରାଧ୍ୟାପକ ସୁଶାନ୍ତ କୁମାର ପଣ୍ଡା, ସ୍ମିତାରାଣୀ ସାହୁ, ଶିଶିର କୁମାର ନାୟକ ସହଯୋଗ କରିଥିଲେ। ଅଧ୍ୟାପକ କାହ୍ନୁ ଚରଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

### ଶିକ୍ଷକ ନ ଆସିବାରୁ ପ୍ରି-ବୋର୍ଡ଼ ପରୀକ୍ଷା ବନ୍ଦ

# ଛାତ୍ରଛାତ୍ରୀ ଓ ଗ୍ରାମବାସୀଙ୍କ ଧାରଣା

**ଭଞ୍ଜନଗର, ୩୧।୧(ସମିସ)**

ଭଞ୍ଜନଗର ବ୍ଲକ ଅନ୍ତର୍ଗତ ବଦାଙ୍ଗି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଦୀର୍ଘଦିନ ଧରି ବିଭିନ୍ନ ସମସ୍ୟା ଲାଗି ରହିଛି। ହେଲେ ବାରମ୍ବାର ଅଭିଯୋଗ ପରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନିଶ୍ଚିତତା ମଧ୍ୟରେ ରହିଛି। ବୁଧବାର ଶିକ୍ଷକ ବିଦ୍ୟାଳୟକୁ ଠିକ ସମୟରେ ନ ଆସିବାରୁ ଆସିବାରୁ ଛାତ୍ରଛାତ୍ରୀ ଓ ଗ୍ରାମବାସୀ ମିଶି ବିଭିନ୍ନ ଅବ୍ୟବସ୍ଥା ନେଇ ଧାରଣା ଦେଇଥିଲେ। ବିଦ୍ୟାଳୟରେ ବୁଧବାର ଦଶମ ଶ୍ରେଣୀର ପ୍ରି-ବୋର୍ଡ ପରୀକ୍ଷା ଥିବାରୁ ଛାତ୍ରଛାତ୍ରୀ ମାନେ ନିର୍ଦ୍ଧାରିତ ସମୟରେ ବିଦ୍ୟାଳୟ ପହଞ୍ଚିଥିଲେ। ହେଲେ ଦିନ ୧୧ଟା ପର୍ଯ୍ୟନ୍ତ ବିଦ୍ୟାଳୟକୁ କୌଣସି କର୍ମଚାରୀ କିମ୍ବା ଶିକ୍ଷକଙ୍କର ଦେଖା ନଥିଲା। ବହୁ ସମୟ ପର୍ଯ୍ୟନ୍ତ ଅପେକ୍ଷା କରି ବାଧ୍ୟ ହୋଇ ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ସାମ୍ନାରେ ଧାରଣା ଦେଇଥିଲେ। ଏହାକୁ ଗ୍ରାମବାସୀ ମଧ୍ୟ ସହଯୋଗ କରି ଚକାପାଦ-ଭଞ୍ଜନଗର ମୁଖ୍ୟ ରାସ୍ତା ଅବରୋଧ କରି ରଖିଥିଲେ। ପୁଲିସ ପହଞ୍ଚି ଛାତ୍ରଛାତ୍ରୀ ଏବଂ ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲେ ମଧ୍ୟ କୌଣସି ସମାଧାନ ହୋଇ ନଥିଲା। ସେମାନଙ୍କ କହିବାନୁସାରେ ବିଦ୍ୟାଳୟ ଶିକ୍ଷକ ଓ କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହିତ ତୁରନ୍ତ ଶିକ୍ଷକ ପଦବୀ ପୂରଣ କରିବା ପାଇଁ ପ୍ରତିଶ୍ରୁତି ପ୍ରଶାସନ ପକ୍ଷରୁ ନମିଳିବା ଧାରଣା ଜାରି ରହିବ ବୋଲି ଗ୍ରାମବାସୀ କହିଥିଲେ। ପୂର୍ବରୁ ପ୍ରଶାସନକୁ ଶିକ୍ଷକ ପୂରଣ ସହିତ ବିଦ୍ୟାଳୟର ଅବ୍ୟବସ୍ଥା ସମ୍ପର୍କରେ ବାରମ୍ବାର ଅବଗତ କରାଯାଇ ଥିଲେ ସୁଦ୍ଧା କୌଣସି ପଦେକ୍ଷପ ଗ୍ରହଣ କରାଯାଇ ନାହିଁ। ବିଦ୍ୟାଳୟରେ ବର୍ତ୍ତମାନ ୨ଜଣ ଶିକ୍ଷକ ରହିଥିବା ହେତୁ ବିଭିନ୍ନ ସରକାରୀ କାର୍ଯ୍ୟର ଆଳ ଦେଖାଇ ସେମାନେ ନିୟମିତ ବିଦ୍ୟାଳୟ ଆସନ୍ତି ନାହିଁ। ଫଳରେ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ବାଧା ସୃଷ୍ଟି ହେଉଛି ବୋଲି ଅଭିଯୋଗ କରିଛନ୍ତି। ପୂର୍ବରୁ ବିଦ୍ୟାଳୟରେ ୮ଜଣ ଶିକ୍ଷକ ସହିତ କିରାଣୀ ମଧ୍ୟ ଥିଲେ। ତେବେ ଜଣେ ପରେ ଜଣେ କର୍ମଚାରୀ ଅବସର ଗ୍ରହଣ କରିଥିବା ବେଳେ ନୂତନ ଶିକ୍ଷକ ନିଯୁକ୍ତି ହୋଇ ନଥିବାରୁ ବର୍ତ୍ତମାନ ୭୦ଜଣ ଛାତ୍ରଛାତ୍ରୀଙ୍କ ନିମନ୍ତେ ୨ଜଣ ଶିକ୍ଷକରେ ଏହି ଉଚ୍ଚ ବିଦ୍ୟାଳୟ ଚାଲିଛି। ଆଜିର ଘଟଣା ଯୋଗୁଁ ପିଲାଙ୍କ ପ୍ରି-ବୋର୍ଡ ପରୀକ୍ଷା ସ୍ଥଗିତ ରହିଥିଲା। ଅପରାହ୍ନରେ ଭଞ୍ଜନଗର ଉପଜିଲ୍ଲାପାଳ ଅନୀଲ କୁମାର ସେଠୀ ଓ ଏସଡ଼ିପିଓ ବିଶ୍ୱାମିତ୍ର ହରପାଲ ସେଠାରେ ପହଞ୍ଚି ଛାତ୍ରଛାତ୍ରୀ ଓ ଗ୍ରାମବାସୀଙ୍କ ସହ ୨ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଆଲୋଚନା କରିଥିଲେ। ଗୁରୁବାର ଭଞ୍ଜନଗର ବିଡିଓ ଓ ଗୋଷ୍ଠୀ ଶିକ୍ଷା ଅଧିକାରୀ ଏ ସମ୍ପର୍କରେ ଅନୁସନ୍ଧାନ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ଉପଜିଲ୍ଲାପାଳ କହିବା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା।





# ଦୁଇମାସ ପରେ ବି ଫେରାର ସ୍ୱାମୀର ଟେର୍ ପାଉନି ପୁଲିସ

**ବ୍ରହ୍ମପୁର, ୩୧।୧(ସମିସ):** ଗତ ନଭେମ୍ବର ୨୫ତାରିଖ ରାତିରେ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଗୋଇଲୁଣ୍ଡି ଛକ ନିକଟରେ ଥିବା ବ୍ରହ୍ମପୁର ଲଜ୍ ଓ ଡର୍ମିଟାରିରୁ କେରଳର କୋଲାମ ନିବାସୀ ସାମିଦମୋନ ଏସଙ୍କ ପତ୍ନୀ କ୍ରୀଷ୍ଣାବେଣୀ କୋନାପଲ୍ଲୀଙ୍କ ମୃତଦେହ ଠାବ ହୋଇଥିଲା। ବ୍ୟବଚ୍ଛେଦ ରିପୋର୍ଟରୁ କ୍ରୀଷ୍ଣାବେଣୀଙ୍କ ମୃତ୍ୟୁ ଶ୍ୱାସରୁଦ୍ଧ ଜନିତ ବୋଲି ଜଣାପଡ଼ିବା ପରେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତକୁ ତ୍ୱରାନ୍ୱିତ କରିବା ସ୍ୱତ୍ତ୍ୱେ ଘଟଣାକୁ ୨ମାସ ବିତି ଯାଇଥିଲେ ମଧ୍ୟ ପୁଲିସକୁ କୌଣସି ସଫଳତା ମିଳିନଥିବା ଜଣାପଡ଼ିଛି। ତେବେ କିଏ ଏବଂ କାହିଁକି ହତ୍ୟା କରିଛନ୍ତି ତାହା ସ୍ପଷ୍ଟ ହୋଇନଥିବା ବେଳେ ଘଟଣା ପରଠାରୁ ମୃତ ମହିଳାଙ୍କ ସ୍ୱାମୀ ସାମିଦମୋନ ଏସ କେଉଁଆଡେ ଫେରାର ହୋଇଯାଇଛନ୍ତି। ଫେରାର ସ୍ୱାମୀ ସାମିଦ ମୋନଙ୍କର ଏହି ଘଟଣାରେ ସମ୍ପୃକ୍ତି ଥିବା ପୁଲିସ ପ୍ରାଥମିକ ତଦନ୍ତରୁ ସନ୍ଦେହ କରୁଛି। ତେବେ ତାଙ୍କୁ କାବୁ କରିବା ପରେ ହିଁ ଘଟଣାର ପର୍ଦ୍ଦାଫାସ ହେବ ବୋଲି ପୁଲିସ କହିଛି। ଅନ୍ୟପକ୍ଷରେ ବ୍ୟବସାୟ ଟଙ୍କା କାରବାରକୁ ନେଇ ତାଙ୍କୁ ହତ୍ୟା କରାଯାଇଥିବା ପୁଲିସ ଜାଣିବାକୁ ପାଇଛି। ସୂଚନାଯୋଗ୍ୟ ଯେ, ଗତବର୍ଷ ନଭେମ୍ବର ୧୯ତାରିଖରୁ କେରଳରୁ ଏହି ଦମ୍ପତି ଉକ୍ତ ଲଜରେ ରହି ଆସୁଥିଲେ। କ୍ରୀଷ୍ଣାବେଣୀଙ୍କ ସ୍ୱାସ୍ଥ୍ୟ ଭଲ ନଥିବା ଯୋଗୁଁ ଚିକିତ୍ସା ନିମନ୍ତେ ବ୍ରହ୍ମପୁରକୁ ଆସିଥିବା ବେଳେ ନଭେମ୍ବର ୨୫ତାରିଖ ରାତିରେ ତାଙ୍କ ମୃତଦେହ ଉକ୍ତ ଲଜର କୋଠରିରୁ ଉଦ୍ଧାର କରାଯାଇଥିଲା। ଫେରାର ସାମିଦମୋନଙ୍କୁ ଧରିବା ପାଇଁ ପୁଲିସ, କେରଳ, ଆନ୍ଧ୍ରପ୍ରଦେଶ ସମେତ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ଖୁବଶୀଘ୍ର ଏହି ଘଟଣାରେ ପୁଲିସକୁ ସଫଳତା ମିଳିବ ବୋଲି ଜଣାପଡ଼ିଛି।

## ଅଶୋକନଗର ଡବଲ ମର୍ଡର ଘଟଣା

# ଅପରାଧୀଙ୍କୁ ଗିରଫ ନକରି ମାମଲା ରଫାଦଫା କରିଦେଇଛି ପୁଲିସ !

**ବ୍ରହ୍ମପୁର, ୩୧।୧(ସମିସ)**

ଅନେକ ଏଭଳି ଘଟଣା ରହିଛି ଯେଉଁଠାରେ ପୁଲିସ ଅପରାଧୀଙ୍କୁ ଗିରଫ କରିବାରେ ବିଫଳ ହୋଇଛି। କେଉଁଠି ଅପରାଧି ପୁଲିସକୁ ଚକମା ଦେଇ ବର୍ଷ ବର୍ଷ ଧରି ଫେରାର ହୋଇଛନ୍ତି ତ ଆଉ କେଉଁଠି ପୁଲିସ ନିଜର ପାରିବାପଣିଆକୁ ଲୁଚାଇବାକୁ ଯାଇ ମାମଲାକୁ କ୍ଲୋଜ ମଧ୍ୟ କରିଦେଇଛି। ତେବେ ବ୍ରହ୍ମପୁରର ଅଶୋକନଗର ଡବଲ ମର୍ଡର ଭଳି ଏକ ବହୁ ଚର୍ଚ୍ଚିତ ଘଟଣାରେ ପୁଲିସ ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚନ କରିବାରେ କେବଳ ବିଫଳ ହୋଇଛି ଏହା ନୁହେଁ ବରଂ ମାମଲାକୁ ରଫାଦଫା କରିଦେଇଥିବା ଜଣାପଡ଼ିଛି।

୨୦୦୬ମସିହା ମାର୍ଚ୍ଚ ୨ତାରିଖର ଘଟଣା। ସ୍ଥାନୀୟ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଅଶୋକନଗର ତୃତୀୟ ଲାଇନରେ ହୋଇଥିଲା ବିଭତ୍ସ ହତ୍ୟାକାଣ୍ଡ। ୪୫ବର୍ଷିୟ ବିଧବା ମା ରାଜକୁମାରୀ ସାହୁଙ୍କ ସମେତ ତାଙ୍କ ପୁଅ କିରଣ କୁମାର ସାହୁ(୨୨)ଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିଲା। ମୃତ କିରଣ ସେହି ସମୟରେ ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଯୁକ୍ତ ୩ଶ୍ରେଣୀର ଛାତ୍ର ଥିଲେ। ହତ୍ୟାକାଣ୍ଡ ପରେ ଘରର ବାହାର ପଟୁ ତାଲା ପକାଇ ଫେରାର ହୋଇଯାଇଥିଲେ ଦୁର୍ବୃତ୍ତ। କୌଣସି ସୂତ୍ରରୁ ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ବିଧବା ମହିଳା ରାଜକୁମାରୀ ସାହୁ ଓ ତାଙ୍କ ପୁଅ କିରଣ କୁମାର ସାହୁଙ୍କୁ ହତ୍ୟା କରାଯାଇଥିବା ନେଇ ମୃତ ରାଜକୁମାରୀଙ୍କ ସମ୍ପର୍କୀୟ ଲାଠି ଗ୍ରାମର ରମେଶ ଚନ୍ଦ୍ର ସାହୁ ଲିଖିତ ଏତଲା ଦେଇଥିଲେ। ତେବେ ଏତଲାରେ ହତ୍ୟାକାରୀ ସମ୍ପର୍କରେ କୌଣସି ସୂଚନା ନଥିଲା କିମ୍ବା କାହାରି ଉପରେ ସନ୍ଦେହ ଥିବା ନେଇ ମଧ୍ୟ ଦର୍ଶାଇ ନଥିଲେ। ଉଭୟ ମା ଓ ପୁଅଙ୍କ ଶବକୁ ଜବତ କରି ପୁଲିସ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଶବ ବ୍ୟବଚ୍ଛେଦ ରିପୋର୍ଟରୁ ମୃତ୍ୟୁ ପୂର୍ବରୁ ଉଭୟଙ୍କୁ ଲଡୁ ଭଳି କିଛି ଖାଦ୍ୟରେ ନିଶା ଅଥବା ବିଷ ଦିଆଯାଇଥିବା ଜଣାପଡ଼ିଥିଲା। ଏବଂ ପରବର୍ତ୍ତି ସମୟରେ ଉଭୟଙ୍କ ତଣ୍ଟିକୁ ଧାରୁଆ ଅସ୍ତ୍ରରେ କାଟି ହତ୍ୟା କରାଯାଇଥିବା ଜଣାପଡ଼ିଥିଲା। ଯାହାକୁ ନେଇ ବୈଦ୍ୟନାଥପୁର ଥାନା ପକ୍ଷରୁ ତଦନ୍ତକାରୀ ଅଧିକାରୀ ଭାରତୀୟ ପିଙ୍ଗଳ କୋଡର ଧାରା ୩୦୨ରେ ହତ୍ୟାମାମଲା ରୁଜୁ କରି ତଦନ୍ତ ପ୍ରକ୍ରୀୟାକୁ ତ୍ୱରାନ୍ୱିତ କରିଥିଲେ। କିନ୍ତୁ ଦିନ ଗଡ଼ିବା ସହିତ କ୍ରମଶଃ ତଦନ୍ତ ପ୍ରକ୍ରୀୟାରେ ଶିଥିଳତା ପଡ଼ିଯାଇଥିଲା। ଏପରିକି ଘଟଣାର ୮ବର୍ଷ ପରେ ଅର୍ଥାତ ୨୦୧୪ମସିହା ମଧ୍ୟରେ ହତ୍ୟାକାଣ୍ଡର ରହସ୍ୟ ଉନ୍ମୋଚିତ ହେବାତ ଦୂରର କଥା ଘଟଣାରେ ସମ୍ପୃକ୍ତ ଅପରାଧିଙ୍କ ସମ୍ପର୍କରେ ସୁରାକ ମଧ୍ୟ ପାଇପାରିନଥିଲା ପୁଲିସ। ଶେଷରେ ନିଜର ପାରିବାପଣିଆକୁ ଲୁଚାଇବାକୁ ଯାଇ ପୁଲିସ ମାମଲାକୁ ବା କେସକୁ କ୍ଲୋଜ କରିଦେଇଥିବା ଜଣାପଡ଼ିଛି। ବ୍ରହ୍ମପୁରର ଏହି ଚର୍ଚ୍ଚିତ ଡବଲ ମର୍ଡର ଘଟଣାକୁ ଇତି ମଧ୍ୟରେ ୧୮ ବର୍ଷ ବିତିଯାଇଥିବା ବେଳେ କେସ କ୍ଲୋଜ ହୋଇ ୧୦ବର୍ଷ ବିତିଯାଇଛି। ତଥାପି ଲୋକଙ୍କ ମନରୁ ଘଟଣାର ପ୍ରକୃତ ରହସ୍ୟ ଜାଣିବାକୁ ଉତ୍ସୁକତା କମିନାହିଁ। ମାମଲାକୁ "ରି ଓପେନ' କରି ତଦନ୍ତ କରିବାକୁ ବିଭିନ୍ନ ମହଲରେ ଦାବୀ ହୋଇଛି। ମାମଲାର ତଦନ୍ତ ଆରମ୍ଭ ହେଲେ ବହୁ ତଥ୍ୟ ପଦାକୁ ଆସିବା ସହିତ ଏହା ପଛରେ କାହାର କାହାର ହାତ ରହିଛି ସେନେଇ ରହସ୍ୟ ଉନ୍ମୋଚିତ ହୋଇପାରିବ ବୋଲି ସହରବାସୀ ଓ ବୁଦ୍ଧିଜୀବୀଙ୍କ ମହଲରେ ଚର୍ଚ୍ଚା ଜୋର ଧରିଛି।

- ବିଧବା ମା' ଓ ପୁଅଙ୍କୁ କରାଯାଇଥିଲା ବୀଭତ୍ସ ହତ୍ୟା
- ୮ ବର୍ଷ ମଧ୍ୟରେ ହୋଇପାରିଲାନି ରହସ୍ୟ ଉନ୍ମୋଚନ
- ପୁରୁଣା ଫାଇଲ ଖୋଲିବାକୁ ହେଉଛି ଦାବି

# ଦକ୍ଷିଣାଞ୍ଚଳ ଆଇଜି ଜୟନାରାୟଣ ପଙ୍କଜଙ୍କ ଦାୟିତ୍ୱ ଗ୍ରହଣ



**ବ୍ରହ୍ମପୁର, ୩୧।୧(ସମିସ):** ୨୦୦୫ ବ୍ୟାଚର ଆଇପିଏସ ଅଫିସର ଜୟନାରାୟଣ ପଙ୍କଜ ବୁଧବାର ପୂର୍ବାହ୍ନରେ ଦକ୍ଷିଣାଞ୍ଚଳ ରେଞ୍ଜ ଆଇଜି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଆଇଜିଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ପରେ ତାଙ୍କୁ ବିଭାଗୀୟ ଅଧିକାରୀମାନେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ପରେ ଆଇଜି ସତ୍ୟବ୍ରତ ଭୋଇ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ଦାୟିତ୍ୱ ପ୍ରଦାନ କରିଥିଲେ। ବରିଷ୍ଠ ଆଇପିଏସ ଅଧିକାରୀ ଜୟନାରାୟଣ ପଙ୍କଜ ଅର୍ଥନୈତିକ ଅପରାଧ ଶାଖା ଓ ଏସଟିଏଫ ଆଇଜି ଭାବେ ଦାୟିତ୍ୱ ତୁଲାଉଥିବା ବେଳେ ତାଙ୍କୁ ୨୪ତାରିଖରେ ଦକ୍ଷିଣାଞ୍ଚଳ ରେଞ୍ଜ ଆଇଜି ଭାବେ ବଦଳି ହୋଇଛି। ଶ୍ରୀ ଜୟନାରାୟଣ ପଙ୍କଜ ଦକ୍ଷିଣାଞ୍ଚଳ ରେଞ୍ଜ ଆଇଜି ସହିତ ସମାନ୍ତରାଳ ଭାବେ ଇଓଡବ୍ଲୁ ଓ ଏସଟିଏଫ୍ ଆଇଜି ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ଦାୟିତ୍ୱ ଗ୍ରହଣ ପରେ ଆଇଜି ଜୟନାରାୟଣ ପଙ୍କଜଙ୍କୁ ବ୍ରହ୍ମପୁର ଏସପି ଡ. ସର୍ବଣା ବିବେକ ଏମ ଓ ଗଞ୍ଜାମ ଏସପି ଜଗମୋହନ ମୀନା ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ୫-ଟି ଉପକ୍ରମ ଅନୁସାରେ ପୁଲିସ କାମ କରିବା ସହ ଜନସାଧାରଣଙ୍କୁ ସେବା ପ୍ରଦାନ କରିବ। ଥାନାକୁ ଆସୁଥିବା ଅଭିଯୋଗକାରୀଙ୍କୁ ଆତିଥ୍ୟ ପ୍ରଦାନ ସହ ସେମାନେ ଯେଭଳି ନିରାଶ ନହୁଅନ୍ତି ସେ ଦିଗରେ ଯତ୍ନବାନ ହେବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ପିପୁଲ୍ସ ଫ୍ରେଣ୍ଡଲି ଭାବେ ପୁଲିସ କାମ କରିବ ଏବଂ ଅପରାଧକୁ ରୋକିବାକୁ ପ୍ରାଥମିକତା ଦିଆଯିବ ବୋଲି ଦକ୍ଷିଣାଞ୍ଚଳ ଆଇଜି ଜୟନାରାୟଣ ପଙ୍କଜ ସାମ୍ବାଦିକମାନଙ୍କୁ କହିଥିଲେ। ଦକ୍ଷିଣାଞ୍ଚଳର ବିଭିନ୍ନ ଜିଲ୍ଲାରେ ଅପରାଧ ଦମନ ଓ ଆଇନଶୃଙ୍ଖଳା ପରିସ୍ଥିତି ସଜାଡ଼ିବା ଲାଗି ଏକ ସ୍ୱତନ୍ତ୍ର କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯିବ। ସେହିଭଳି ମାଓ ମୁକାବିଲା ପାଇଁ ପୁଲିସ ପ୍ରସ୍ତୁତ ରହିଛି। ମାଓବାଦୀ କାର୍ଯ୍ୟକଳାପରୁ ଓହରିଯାଇ ପୁଲିସ ନିକଟରେ ଆତ୍ମସମର୍ପଣ କରିବାକୁ ସେ ମାଓବାଦୀଙ୍କୁ ଆହ୍ୱାନ ଦେଇଛନ୍ତି। ଆମ ପୁଲିସ ବ୍ୟବସ୍ଥାକୁ ଅଧିକ ତ୍ୱରାନ୍ୱିତ କରାଯାଇ ପୁଲିସ ଓ ଜନସାଧାରଣଙ୍କ ମିଳିତ ସହଯୋଗରେ କାମ କରାଯିବ ବୋଲି କହିଛନ୍ତି ଆଇଜି ଜୟନାରାୟଣ ପଙ୍କଜ। ଦକ୍ଷିଣାଞ୍ଚଳର ପୂର୍ବତନ ଆଇଜି ସତ୍ୟବ୍ରତ ଭୋଇ ନୂତନ ଆଇଜି ଶ୍ରୀପଙ୍କଜଙ୍କୁ ଦାୟିତ୍ୱ ହସ୍ତାନ୍ତର ପରେ ଉପସ୍ଥିତ ଥିବା ସମସ୍ତ କର୍ମଚାରୀ ଓ ଅଧିକାରୀଙ୍କୁ ନୂତନ ଆଇଜିଙ୍କୁ ସହଯୋଗ କରିବା ସହ ନିଜର ଯତ୍ନ ନେବାକୁ ପରାମର୍ଶ ଦେଇଥିଲେ। ଦିର୍ଘଦିନର କାର୍ଯ୍ୟକାଳକୁ ସେ ସଫଳତାର ସହ ସମ୍ପାଦନ କରିଥିବା ବେଳେ ବୁଧବାର ବିଦାୟ ସମୟରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ତାଙ୍କପ୍ରତି ଥିବା ସ୍ନେହ ଓ ସଦିଚ୍ଛାକୁ ଦେଖି ଭାବବିହ୍ୱଳ ହୋଇ ତାଙ୍କ ଆଖିରୁ ଅଶ୍ରୁ ବାହାରି ଯାଇଥିଲା। ଶ୍ରୀସତ୍ୟବ୍ରତ ଭୋଇ ବର୍ତ୍ତମାନ ବାଲେଶ୍ୱର ବା ଉତ୍ତରାଞ୍ଚଳ ଆଇଜି ଭାବେ ବଦଳି ହୋଇଥିବା ବେଳେ ଖୁବ୍‌ଶୀଘ୍ର ସେ ଦାୟିତ୍ୱଗ୍ରହଣ କରିବେ ବୋଲି ଜଣାପଡ଼ିଛି।

- ଅପରାଧିକ ତତ୍ତ୍ୱକୁ ବରଦାସ୍ତ କରାଯିବ ନାହିଁ
- ଆତ୍ମସମର୍ପଣ ପାଇଁ ମାଓବାଦୀଙ୍କୁ ଆହ୍ୱାନ

# ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ଦାୟିତ୍ୱ ଗ୍ରହଣ



**ବ୍ରହ୍ମପୁର, ୩୧।୧(ସମିସ):** ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବ ଇ-କାର୍ଯ୍ୟାଳୟ ବା ଇ-ଅଫିସ ବ୍ୟବସ୍ଥା। କର୍ମଚାରୀଙ୍କୁ ଆଉ ଏଣିକି ଫାଇଲ ଧରି ଅଧିକାରୀଙ୍କ ଠାରୁ ଅଧିକାରୀଙ୍କ ପାଖକୁ ଆଉ ଦୌଡିବାକୁ ପଡ଼ିବ ନାହିଁ। ସବୁକିଛି ଅନ ଲାଇନ ମାଧ୍ୟମରେ କାର୍ଯ୍ୟ ସମ୍ପାଦନ କରାଯିବ। ଏହା ହେଲେ କୌଣସି କାମ କୌଣସିସ୍ତରରେ ଅଟକି ରହିବ ନାହିଁ ବରଂ ଏହାଦ୍ୱାରା କର୍ମଚାରୀଙ୍କର କାର୍ଯ୍ୟଦକ୍ଷତା ବୃଦ୍ଧି ହେବ ବୋଲି କହିଛନ୍ତି ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ନୂତନ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ। ଏହା ଏକ ବହୁ ପୁରାତନ ଓ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ। ଏଠାରେ ଭିତ୍ତିଭୂମିର ଅଭାବ ସହିତ ଛାତ୍ରଛାତ୍ରୀଙ୍କ ତୁଳନାରେ ଅଧ୍ୟାପକ ଓ ଅଧ୍ୟାପିକାଙ୍କ ସଂଖ୍ୟା ବହୁତ କମ ରହିଛି। ବର୍ତ୍ତମାନର ସ୍ଥିତିରେ ଶିକ୍ଷାକ୍ଷେତ୍ରରେ ରାଜ୍ୟ ସରକାରଙ୍କ ପକ୍ଷରୁ ଅର୍ଥର ଆଦୌ ଅଭାବ ନାହିଁ ତଥାପି ଅନୁଦାନ ସଂଗ୍ରହ କରି ତାହାର ସଦୁପଯୋଗ କରି ଭିତ୍ତିଭୂମି ସଜାଡିବା ସବୁଠାରୁ ବଡ କାମ ବୋଲି କହିଛନ୍ତି କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ। ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ ହୋଇଥିଲେ ହେଁ ଏହା ସମ୍ପାଦନ କରିବା ଏକ ବଡ ଆହ୍ୱାନ। ଏହାକୁ ଗ୍ରହଣ କରି ସଫଳତା ହାସଲ କରିବା ନେଇ ନିଜ ଭିତରେ ଆତ୍ମବିଶ୍ୱାସ ରହିବା ଜରୁରୀ ବୋଲି ମତ ବ୍ୟକ୍ତ କରିବା ସହ ଉଭୟ ଦାୟିତ୍ୱକୁ ସେ ସୂଚାରୁ ରୂପେ ସମ୍ପାଦନ କରିବେ ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି। ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟକୁ ବର୍ତ୍ତମାନ ସୁଦ୍ଧା ନାକ୍ ଟିମ ପରିଦର୍ଶନରେ ଆସିନାହାନ୍ତି କିମ୍ବା ୟୁଜିସି ପକ୍ଷରୁ ୨(ଏଫ) ଓ ୧୨(ବି) ଅନୁମୋଦନ ମିଳିନାହିଁ। ଏହା ନମିଳିବା ପର୍ଯ୍ୟନ୍ତ "ରୁଷା' ହେଉ ଅଥବା "ୟୁଜିସି' କୌଣସି ସ୍ତରରୁ ଆର୍ଥିକ ଅନୁଦାନ ମିଳିବ ନାହିଁ। ବିନା ଆର୍ଥିକ ଅନୁଦାନରେ କୌଣସି ବିଶ୍ୱବିଦ୍ୟାଳୟ ତିଷ୍ଠିବା ମଧ୍ୟ ସମ୍ଭବପର ନୁହେଁ। ଏଣୁ ବର୍ତ୍ତମାନ ପରିସ୍ଥିତିରେ ଉଭୟ ୨(ଏଫ୍) ଓ ୧୨(ବି) ଅନୁମୋଦନ ହାସଲ କରିବା ଓ ଭିତ୍ତିଭୂମିର ବିକାଶ ତାଙ୍କର ପ୍ରାଥମିକତା ରହିବ ବୋଲି କହିଛନ୍ତି ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ନବ ନିଯୁକ୍ତ କୁଳପତି ପ୍ରଫେସର ଡଃ ଗୀତାଞ୍ଜଳି ଦାଶ। ବୁଧବାର ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ନୂତନ ତଥା ପ୍ରଥମ ମହିଳା କୁଳପତି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ପ୍ରଫେସର ଡଃ ଗୀତାଞ୍ଜଳି ଦାଶ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ସହିତ ଏହି ଅତିରିକ୍ତ ଦାୟିତ୍ୱ ତୁଲାଇବେ ପ୍ରଫେସର ଦାଶ। ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡଃ ପ୍ରଫୁଲ୍ଲ କୁମାର ମହାନ୍ତିଙ୍କ କାର୍ଯ୍ୟକାଳ ଶେଷ ପରେ ପ୍ରଫେସର ଗୀତାଞ୍ଜଳି ଦାଶଙ୍କୁ ଏହି ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତିଙ୍କ ଠାରୁ ପ୍ରଫେସର ଦାଶ ଦାୟିତ୍ୱ ଗ୍ରହଣ କରିଛନ୍ତି। ଦାୟିତ୍ୱ ଗ୍ରହଣ ପରେ ପ୍ରଫେସର ଗୀତାଞ୍ଜଳି ଦାଶଙ୍କୁ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମହାନ୍ତି, କୁଳସଚିବ ସୁଶ୍ରୀ ଶାନ୍ତିସୁଧା ପାତ୍ର, ପିଜି କାଉନସିଲ ଅଧ୍ୟକ୍ଷା ଡଃ ପଦ୍ମିନୀ ସାହୁ ପ୍ରମୁଖଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ପରେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଅଧ୍ୟାପକ ଓ ଅଧ୍ୟାପିକାଙ୍କୁ ନେଇ ଏକ ସ୍ୱତନ୍ତ୍ର ବୈଠକର ଆୟୋଜନ କରି ଶିକ୍ଷାନୁଷ୍ଠାନକୁ ଆଗକୁ ନେବାରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

- ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବ ଇ-ଅଫିସ ବ୍ୟବସ୍ଥା
- ଭିତ୍ତିଭୂମି ସଜାଡିବା ସହ ୟୁଜିସି ଅନୁମୋଦନ ହାସଲକୁ ପ୍ରାଥମିକତା

# ବିଜେପିର 'ଗାଁକୁ ଚାଲ' କର୍ମଶାଳା

ବ୍ରହ୍ମପୁର, ୩୧।୧(ସମିସ): ଭାରତୀୟ ଜନତା ପାର୍ଟି ଗଞ୍ଜାମ ଜିଲ୍ଲାର 'ଗାଁ କୁ ଚାଲ' ଅଭିଯାନ କର୍ମଶାଳା ଜିଲ୍ଲା ସଭାପତି ଡ଼ା.ସୁବାଷ ସାହୁଙ୍କ ସଭାପତିତ୍ୱରେ ଇଂଜିନିୟରିଂ ସ୍କୁଲ୍ ଛକ ସ୍ଥିତ ରାଜସ୍ୱ ଡ଼ାକ ବଙ୍ଗଳା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜେପି ରାଜ୍ୟ ଉପସଭାନେତ୍ରୀ ଡ ଲେଖାଶ୍ରୀ ସାମନ୍ତସିଂହାର ଯୋଗଦେଇ କର୍ମଶାଳାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ କହିଥିଲେ। କର୍ମଶାଳାରେ ଗଞ୍ଜାମ ଜିଲ୍ଲାର ବରିଷ୍ଠ ନେତା ତଥା ପୂର୍ବତନ ଜିଲ୍ଲା ସଭାପତି ବିଭୂତି ଭୂଷଣ ଜେନା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଶାନ୍ତ କର, ମହନ୍ତ ଚିନ୍ମୟାନନ୍ଦ ଦାସ, ଜିଲ୍ଲା ଉପସଭାପତି ସୁନିଲ କୁମାର ସାହୁ, ରାମ କୁମାର ପାତ୍ର, ମନୋଜ ପଟ୍ଟନାୟକ, ରଶ୍ମିରାଣୀ ମହାପାତ୍ର, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାତ କିରଣ ଷଡ଼ଙ୍ଗୀ, ଗଙ୍ଗାଧର ଶତପଥିଙ୍କ ସମେତ ବହୁ ନେତା ଓ କର୍ମୀ କର୍ମଶାଳରେ ଉପସ୍ଥିତ ଥିଲେ। ଗତ ୨୨ ତାରିଖରେ ଅଯୋଧ୍ୟାରେ ରାମଲଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଅବସରରେ ସର୍ବଭାରତୀୟ ଝୋଟି ପ୍ରତିଯୋଗିତାରେ ଖୋଡ଼ାସିଂର ମାନସୀ ଦାସ ୬ଷ୍ଠ ସ୍ଥାନ ହାସଲ କରିଥିବାରୁ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି।

# ବିଜେପି କର୍ପୋରେଟରଙ୍କ ରୁଦ୍ଧଦ୍ୱାର ବୈଠକ



**ବ୍ରହ୍ମପୁର, ୩୧।୧(ସମିସ):** ଗଞ୍ଜାମ ଜିଲ୍ଲା ବିଜେପିର ଗୋଷ୍ଠୀ କନ୍ଦଳ କାହାକୁ ଅଛପା ନାହିଁ। ଏହାକୁ ଭିତ୍ତିକରି ଅନେକ ସମୟରେ ସମାନ୍ତରାଳ କାର୍ଯ୍ୟକ୍ରମ ବି ବହୁବାର ଦେଖିବାକୁ ମିଳିଛି। ପୂର୍ବତନ ଜିଲ୍ଲା ସଭାପତିଙ୍କ ବିରୋଧରେ ଅସନ୍ତୁଷ୍ଟ ଭର୍ତ୍ତି ହୋଇ ରହିଥିଲା। ଏଣୁ ସମାନ୍ତରାଳ ବୈଠକ ହେଉଥିଲା। ଏଥିଯୋଗୁଁ ଦଳର ପଦାଧିକାରୀଙ୍କୁ କର୍ମୀମାନେ ସହଜରେ ଗ୍ରହଣ କରିପାରୁନଥିଲେ। ହେଲେ ନୂଆ ସଭାପତି ଆସିବା ପରେ ଏଗୁଡ଼ିକ ସମାଧାନ ହେବ ବୋଲି ଆଶା କରାଯାଉଥିଲା। କିନ୍ତୁ ଗତ କିଛିଦିନର କାର୍ଯ୍ୟକ୍ରମରେ ଅଣଦେଖା ହୋଇ ଆସୁଥିବା କର୍ମୀଙ୍କୁ ଏକାଠି କରିବାରେ ଦଳ ବିଫଳ ହୋଇଥିବା ଜଣାଯାଇଛି। ଫଳରେ ଦଳ ମଧ୍ୟରେ ଅସନ୍ତୋଷର ବହ୍ନି ପୁନଃ କୁହୁଳିବା ଆରମ୍ଭ ହୋଇଛି। ବୁଧବାର ବିଜେପିର କିଛି କର୍ପୋରେଟରଙ୍କ ରୁଦ୍ଧଦ୍ୱାରା ଆଲୋଚନା ଏବେ ଚର୍ଚ୍ଚାର ବିଷୟ ହୋଇଛି। ଜିଲ୍ଲା ବିଜେପି ପକ୍ଷରୁ କୋଣଠେସା ନା ଅଣଦେଖା କାରଣରୁ ହଠାତ୍ ଏଭଳି ଏକ ଆଲୋଚନା କରାଗଲା ସେ ନେଇ ଚର୍ଚ୍ଚା ଜୋର ଧରିଛି।

ସୂଚନା ମୁତାବକ ଭାରତୀୟ ଜନତା ପାର୍ଟିର ପୁରୁଣା ପ୍ରଭାବଶାଳୀ କାର୍ଯ୍ୟକର୍ତ୍ତା, କର୍ପୋରେଟରମାନେ ୨୧ନଂ କର୍ପୋରେଟର ଡି.କରୁଣାଙ୍କ ବାସଭବନରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଥିବା ଜଣାପଡ଼ିଛି। ଏଥିରେ ମହାନଗର ନିଗମର ମନମାନୀ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରାଯାଇଛି। ସେହିଭଳି ଲୋକଙ୍କ ସମସ୍ୟାକୁ ମହନଗର ନିଗମ ଅଣଦେଖା କଲେ ବରଦାସ୍ତ କରାଯିବ ନାହିଁ ବୋଲି ମଧ୍ୟ ଏଠାରେ କୁହାଯାଇଛି। ସେହିଭଳି ୨୦୨୪ ବ୍ରହ୍ମପୁର ବିଧାନସଭା ନିର୍ବାଚନରେ ବିଜେପି କିପରି ବାଜିମାତ କରିବ ସେହି ସମ୍ପର୍କରେ ଅତି ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିବା ଜଣାପଡ଼ିଛି। ବିଶେଷ ଗୁପ୍ତ ଆଲୋଚନା ପଦାକୁ ଆସିନଥିଲେ ମଧ୍ୟ ଦୀର୍ଘଦିନ ଧରି ବ୍ରହ୍ମପୁର ବିଜେପି ପଦାଧିକାରୀମାନେ କର୍ପୋରେଟର ମାନଙ୍କୁ ବିଭିନ୍ନ କାର୍ଯ୍ୟକ୍ରମରେ ଅଣାଦେଖା କରୁଥିବାରୁ ଏଭଳି ପ୍ରତିକ୍ରିୟା ପ୍ରକାଶ ପାଇଛି। ଫଳରେ ଆଗାମି ଦିନରେ ବିଜେପିକୁ ଏହା ଭାରି ପଡ଼ିବ ବୋଲି ଆଲୋଚନା ହେଉଛି। ବେଳ ଥାଉ ଥାଉ ଯଦି ଦଳ କିଛି ନିଷ୍ପତି ନ ନିଏ, ତେବେ ଅସନ୍ତୁଷ୍ଟ ବୃଦ୍ଧି ହେବ। ଯାହା ଦଳ ପାଇଁ ବିପଦ ସାଜିବ ବୋଲି ରାଜନୈତିକ ସମାଲୋଚକ ମାନେ ମତବ୍ୟକ୍ତ କରିଛନ୍ତି। ତେବେ ବୈଠକର ନିଷ୍ପତ୍ତି ନେଇ କର୍ପୋରେଟର ମୁହଁ ଖୋଲୁନାହାନ୍ତି। ତେବେ ଆଗାମୀ ଦିନରେ ଦଳୀୟ ସମସ୍ୟା ନେଇ ରାଜ୍ୟ ସଭାପତିଙ୍କୁ ଭେଟି ଆଲୋଚନା କରିବାକୁ ଭିତିରିଆ ନିଷ୍ପତ୍ତି ହୋଇଥିବା ଆଲୋଚନା ହେଉଛି।

## ଅଲକାପୁରୀରେ ବୃଦ୍ଧାଙ୍କୁ ହତ୍ୟା ମାମଲା

# ଆଲମିରା କାରିଗରକୁ ଆଜୀବନ ଜେଲ୍



**ବ୍ରହ୍ମପୁର, ୩୧।୧(ସମିସ):** ପୂର୍ବତନ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ପତ୍ନୀ ସୁରଜା ବେହେରା ହତ୍ୟା ମାମଲାର ଚୂଡାନ୍ତ ରାୟ ପ୍ରକାଶ ପାଇଛି। ଏହି ମାମଲାର ବିଚାରଣା କରି କବିସୂର୍ଯ୍ୟନଗର ଅଞ୍ଚଳର ଅଭିଯୁକ୍ତ ବଳରାମ ସାହୁ ଓରଫ ବଳିଆଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି ବ୍ରହ୍ମପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ (ତୃତୀୟ) ରାଜକୁମାର ଦାସ। ଏହା ସହ ଅଭିଯୁକ୍ତକୁ ୨୦ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି। ଜରିମାନା ଅନାଦେୟ ଅଧିକ ୧ବର୍ଷ ଜେଲ ଦଣ୍ଡାଦେଶ ଭୋଗିବେ ବୋଲି ରାୟରେ ସ୍ପଷ୍ଟ କରାଯାଇଛି। ସୂଚନାଯୋଗ୍ୟ ଯେ, ସଦର ଥାନା ଅନ୍ତର୍ଗତ ଅଲକାପୁରୀ ୭ମ ଲାଇନରେ ପୂର୍ବତନ ଜିଲ୍ଲା ମଙ୍ଗଳ ଅଧିକାରୀ ବିଜୟ ଚନ୍ଦ୍ର ବେହେରା ଓ ତାଙ୍କ ପତ୍ନୀ ସୁରଜା ବେହେରା ରହୁଥିଲେ। ତାଙ୍କ ପୁଅ ରଶ୍ମିରଞ୍ଜନ ବେହେରା ଭୁବନେଶ୍ୱରରେ ରହୁଥିଲେ। ୨୦୨୨ମସିହା ଫେବୃଆରୀ ୨୪ତାରିଖରେ ବିଜୟ ବେହେରା ସାନ୍ଧ୍ୟଭ୍ରମଣ ସାରି ଘରକୁ ଫେରିବା ବେଳେ ଘରେ ବାହାର ପଟୁ ଚାବି ପଡ଼ିଥିବା ଦେଖିଥିଲେ। ପତ୍ନୀ କୌଣସି କାମରେ ବାହାରକୁ ଯାଇଥିବା ଆଶଙ୍କା କରି ତାଙ୍କ ମୋବାଇଲକୁ ଫୋନ୍ କରିଥିଲେ। ବାରମ୍ବାର ଫୋନ କରି ନିରାଶ ହେବାପରେ ବିଜୟ ସ୍ଥାନୀୟ ଲୋକଙ୍କୁ ଡାକି ସହଯୋଗ ଲୋଡିଥିଲେ। ପରେ ବିଜୟ ପୁଲିସକୁ ଖବର କରିଥିଲେ। ପୁଲିସ ଉପସ୍ଥିତିରେ ଘର ଭିତରକୁ ଯାଇ ଦେଖିବା ବେଳେ ଘର ଭିତରେ ଥିବା ଏକ ଖଟ ଉପରେ ସୁରଜାଙ୍କ ରକ୍ତ ଜୁଡୁବୁଡୁ ଶରୀର ପଡ଼ିଥିବା ଦେଖିବାକୁ ମିଳିଥିଲା। ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ କରିଥିଲା। ଲୁଟ୍ ଉଦ୍ଦେଶ୍ୟରେ ସୁରଜାଙ୍କୁ ହତ୍ୟା ହୋଇଥିବା ପୁଲିସ ତଦନ୍ତ ବେଳେ ଜଣାପଡ଼ିଥିଲା। ହତ୍ୟା ପରେ ମୃତ ସୁରଜାଙ୍କ ମୋବାଇଲକୁ ଅଭିଯୁକ୍ତ ନେଇ ଚାଲି ଯାଇଥିବା ବେଳେ ଘଟଣାର ୨୦ଘଣ୍ଟା ପରେ ଉକ୍ତ ମୋବାଇଲକୁ ଲୋଚାପଡ଼ା ଅଞ୍ଚଳର ଏକ ନାଳ ନିକଟରୁ ଉଦ୍ଧାର କରାଯାଇଥିଲା। ପୁଲିସ ଏହି ହତ୍ୟା ମାମଲାରେ କବିସୂର୍ଯ୍ୟନଗର ଅଞ୍ଚଳର ଅଭିଯୁକ୍ତ ତଥା ଅଲକାପୁରୀ ୭ମ ଲାଇନରେ ଆଲମିରା ମରାମତି କାରିଗର ବଳରାମ ସାହୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଘଟଣାର କିଛି ଦିନପୂର୍ବରୁ ବଳରାମ ସୁରଜାଙ୍କ ଘରକୁ ଆଲମାରୀ ମରାମତି ପାଇଁ ଯାଇଥିଲେ। ଘଟଣାଦିନ ଲୁଟ୍ ଉଦ୍ଦେଶ୍ୟରେ ଯାଇ ସେ ସୁରଜାଙ୍କୁ ହତ୍ୟା କରିଥିବା ପୁଲିସ ତଦନ୍ତରେ ଜଣାପଡ଼ିଥିଲା। ଅଭିଯୁକ୍ତ ବଳରାମ ଗିରଫ ପରଠାରୁ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ରହିଛନ୍ତି। ଉକ୍ତ ମାମଲାର ବିଚାରଣା ବେଳେ ମୋଟ ୨୨ଜଣ ସାକ୍ଷ୍ୟଙ୍କ ବୟାନ ରେକର୍ଡ ହୋଇଥିଲା। ତଦନ୍ତକାରୀ ଅଧିକାରୀ ତଥା ତତ୍କାଳୀନ ସଦର ଥାନା ଅଧିକାରୀ ମହେନ୍ଦ୍ର ସାହୁ ଉକ୍ତ ମାମଲାର ଚାର୍ଜସିଟ କୋର୍ଟରେ ଦାଖଲ କରିଥିଲେ। ବୁଧବାର ରାୟ ପ୍ରକାଶ ବେଳେ ଅଭିଯୁକ୍ତ ବଳରାମ କୋର୍ଟରେ ହାଜର ହୋଇଥିଲେ। ସାକ୍ଷୀମାନଙ୍କ ବୟାନ, ପୁଲିସ ପକ୍ଷରୁ ଦାଖଲ ହୋଇଥିବା ଚାର୍ଜସିଟ ଓ ଉପଯୁକ୍ତ ପ୍ରମାଣକୁ ଆଧାର କରି କୋର୍ଟ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ଏପିପି ରଜତ କୁମାର ଦାସ ଉକ୍ତ ମାମଲା ପରିଚାଳନା କରୁଥିଲେ।

- ଲୁଟ୍ ଉଦ୍ଦେଶ୍ୟରେ ହୋଇଥିଲା ହତ୍ୟା

# ମା'ଙ୍କ ଲେଖନୀରୁ ପ୍ରସ୍ଫୁଟିତ ହେଉଛି ସୃଜନଶୀଳତା

**ବ୍ରହ୍ମପୁର, ୩୧।୧(ସମିସ)**



'ମିଶନ ଶକ୍ତି' ଏବେ ଆଉ କେଳବ ଯେ, ସ୍ୱାବଲମ୍ବନର ଧାରା ହୋଇ ରହିନାହିଁ। ବରଂ ସାହିତ୍ୟ, ସଂସ୍କୃତି, ଭାଷା ଓ ପରମ୍ପରାର ବିଶେଷ ବାର୍ତ୍ତାବହ ହୋଇଛି। ସମୟକ୍ରମେ ଏସଏଚଜି ମହିଳାମାନେ ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରୁଛନ୍ତି। ପ୍ରତ୍ୟେକ ବିଭାଗରେ ଅଂଶୀଦାର ହେଉଛନ୍ତି। ସରକାରୀ ଯୋଜନାରେ ସଫଳ କାର୍ଯ୍ୟକାରିତା ଉପରେ ମଧ୍ୟ ଗୁରୁତ୍ୱ ଦେଉଛନ୍ତି। ଫଳରେ ଯୋଜନାର ଲାଭ ସାଧାରଣ ଜନତା ନେଇ ପାରୁଛନ୍ତି। ତେବେ ପ୍ରଥମ ଓଡ଼ିଆ ଭାଷା ସମ୍ମିଳନୀ ଆସନ୍ତା ୩ରୁ ୫ତାରିଖ ପର୍ଯ୍ୟନ୍ତ ଜନତା ମୈଦାନରେ ଅନୁଷ୍ଠିତ ହେବ। ଏହା ଓଡ଼ିଆ ଅସ୍ମିତାର ପରିଚୟ ହେବ। ଶାସ୍ତ୍ରୀୟ ଭାଷା ଓଡ଼ିଆକୁ ଆହୁରି କିଭଳି ଲୋକପ୍ରିୟ କରାଯିବ ସେ ସମ୍ପର୍କରେ ଆଲୋଚନା କରାଯିବ। ବର୍ତ୍ତମାନର ପ୍ରଯୁକ୍ତିବିଦ୍ୟା ଓ ଆଧୁନିକ ଯୁଗରେ ନୂତନନତ୍ୱକୁ ପ୍ରାଧାନ୍ୟତା ଦେଉଥିବା ଦୃଷ୍ଟିରୁ ଓଡ଼ିଆ ଭାଷାକୁ ଅଧିକ ପ୍ରୟୋଗାତ୍ମକ କରାଯିବ ସେଥିପ୍ରତି ସରକାରଙ୍କ ପକ୍ଷରୁ ବିଶେଷ ଦୃଷ୍ଟିରୁ ଦିଆଯାଇଛି। ଏଥିରେ ଓଡ଼ିଆ ଭାଷାର ପ୍ରାଚୀନତା ଓ ପ୍ରାସଙ୍ଗିକତା ମଧ୍ୟ ଆଲୋଚନା କରାଯିବ। ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଥିବା ଓଡ଼ିଆ ଯୋଗଦେବେ। ତେବେ ଏନେଇ ପୂର୍ବରୁ ବିଭିନ୍ନ କଲେଜରେ ଓଡ଼ିଆ ଭାଷା ଓ ସଂସ୍କୃତି ନେଇ ସମ୍ମିଳନୀ ଆୟୋଜିତ ହୋଇଥିଲା। ଯୁବାବର୍ଗ ଏଥିରେ ସାମିଲ ହୋଇଥିଲେ। ଓଡ଼ିଆ ସଂସ୍କୃତି ଓ ଭାଷାର ପ୍ରାଚୀନତା ସମ୍ପର୍କରେ ଅବଗତ ହେବା ସହ ଏହାର ବ୍ୟାପକ ପ୍ରଚାର ପ୍ରସାର କରିଥିଲେ। ଏଥିପ୍ରତି ସମସ୍ତେ ସଚେତନ ମଧ୍ୟ ହୋଇଥିଲେ। ସେହିଭଳି ରାଜ୍ୟ ସରକାରଙ୍କ ନିଷ୍ପତିକ୍ରମେ ମିଶନ ଶକ୍ତି ଓଡ଼ିଆ କବି ସମ୍ମିଳନୀ ହେଉଛି। ବ୍ଲକ ଓ ଜିଲ୍ଲାସ୍ତରରେ ବର୍ତ୍ତମାନ ଏହା ଜାରି ରହିଛି। ଏଥିରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟମାନେ ସାମିଲ ହୋଇ ଅସ୍ମିତାର ପରିଚୟକୁ ଜାହିର କରୁଛନ୍ତି। ଏନେଇ ଛତ୍ରପୁର ସଦର ମହକୁମା ସ୍ଥିତ ଅନୋସ୍ଥ ସରକାରୀ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ମିଶନ ଶକ୍ତି ଓଡିଆ କବି ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ ମିଶନ ଶକ୍ତିର ୩୨ ଜଣ କବି ମା' ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ। ସ୍ୱରଚିତ କବିତା ପାଠ କରିବା ସହ ଓଡ଼ିଆ ଭାଷାର ଜୟଗାନ କରିଥିଲେ। ସୂଚନା ଅନୁସାରେ ପ୍ରଥମ ଓଡ଼ିଆ ସମ୍ମିଳନୀ ନେଇ 'ଜିଲ୍ଲା ଓ ବ୍ଲକ ସ୍ତରରେ 'ମିଶନ ଶକ୍ତି କବି ସମ୍ମିଳନୀ' ଆୟୋଜନ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଥିଲା। ଏହିକ୍ରମରେ ମଙ୍ଗଳବାର ଗଞ୍ଜାମରେ ଜିଲ୍ଲା ସମ୍ମିଳନୀ ଶେଷ ହୋଇଛି। ଗୁରୁବାର ଓ ଶୁକ୍ରବାର ବ୍ଲକ ସ୍ତରରେ ସମ୍ମିଳନୀ ଅନୁଷ୍ଠିତ ହେବ ବୋଲି ମିଶନ ଶକ୍ତିର ଜିଲ୍ଲା ସଂଯୋଜକ ଶାଶ୍ୱତ କୁମାର ସାହୁ ସୂଚନା ଦେଇଛନ୍ତି। ଏଥିରେ ମହିଳାମାନେ ସାମିଲ ହୋଇ ସେମାନଙ୍କ ସ୍ୱରଚିତ କବିତା ପାଠ କରୁଛନ୍ତି। ଓଡ଼ିଆ ଭାଷା ସାହିତ୍ୟ ବିଷୟରେ ବିଶେଷ ଅବଗତ ହେଉଛନ୍ତି। ଏଥିଦ୍ୱାରା ସେମାନଙ୍କ ସୃଜନଶୀଳତା ଚିନ୍ତାଧାରା ଅଧିକ ବିକଶିତ ହୋଇପାରୁଛି।

- ମିଶନ ଶକ୍ତି ଓଡ଼ିଆ କବି ସମ୍ମିଳନୀ
- ବଢୁଛି ଏସ୍‌ଏଚ୍‌ଜିଙ୍କ ଭାଗୀଦାରୀ

# ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କଲେ ଅର୍ଥମନ୍ତ୍ରୀ

**ଭଞ୍ଜନଗର,୩୧।୧(ସମିସ):**



ଭଞ୍ଜନଗର ବ୍ଲକ ଲେମ୍ବେଇ ପଞ୍ଚାୟତ ଗସ୍ତ କରି ସ୍ଥାନୀୟ ବିଧାୟକ ତଥା ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ବିଭିନ୍ନ ପ୍ରକଳ୍ପର ଉଦଘାଟନ କରିଛନ୍ତି। ସେଥି ମଧ୍ୟରେ ଲେମ୍ବେଇ ଠାରେ ପ୍ରହଲ୍ଲାଦ ମଧ ଇଂରାଜୀ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀ ଗୃହ, ତିନି ଛକିଆ ଠାରେ ଚକ୍ରେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବ, ବାଲିସାହିରେ ଗୋଷ୍ଠୀ କେନ୍ଦ୍ର, ପଞ୍ଚାୟତ କାର୍ଯ୍ୟାଳୟରେ ବୈଠକ ଗୃହ ଓ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ରହିଛି। ଏହାପରେ ପଞ୍ଚାୟତସ୍ତରୀୟ ମୋ ଓଡ଼ିଶା, ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରିଥିଲେ। ମେଗା ଜଳ ଯୋଗାଣ ପ୍ରକଳ୍ପରେ ମହାନଦୀରୁ ପାଣି ଆସିବା ସମୟରେ ପ୍ରଥମେ ଭଞ୍ଜନଗର ବ୍ଲକର ଲେମ୍ବେଇ ପଞ୍ଚାୟତ ଦେଇ ପାଣି ଆସିବ ତେଣୁ ଏହା ହେବ ମୁଖଶାଳା। ସେହିପରି ଗମନାଗମନ କ୍ଷେତ୍ରରେ ବେଲଗୁଣ୍ଠା ଠାରୁ ଗେରେଡା ଦେଇ ତିନିଛକିଆ ସେଠାରୁ ଲେମ୍ବେଇ ପଞ୍ଚାୟତର ମାଙ୍କଡ଼ କୁମ୍ଭା ଛକ ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ ସକାଶେ ୪୫କୋଟି ଅର୍ଥ ମଞ୍ଜୁର କରାଯାଇଛି। ଆଗାମୀ ଦିନରେ ଏହି ପଞ୍ଚାୟତର ବିକାଶ ପାଇଁ ଆଉ ଯାହା ଆବଶ୍ୟକ ସେସବୁ ମଧ୍ୟ ପୂରଣ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ଆରୁଖ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭଞ୍ଜନଗର ବ୍ଲକ ଅଧ୍ୟକ୍ଷ ନରୀସଭା ନାୟକ, ଉପାଧ୍ୟକ୍ଷା ରାଜଲକ୍ଷ୍ମୀ ପ୍ରଧାନ, ଜିଲ୍ଲା ପରିଷଦ ସଦସ୍ୟା ଭାଗ୍ୟଲତା ସେଠୀ, ସରପଞ୍ଚ ପ୍ରଭାସିନୀ ପ୍ରଧାନ, ବିଡିଓ ଶଶୀଭୂଷଣ ମହାପାତ୍ର, ସିଡିପିଓ ବିଷ୍ଣୁପ୍ରିୟା ସେଠୀ, ବ୍ଲକ ସଭାପତି ରାଜେନ୍ଦ୍ର ପ୍ରଧାନ, ସାଂସଦ ପ୍ରତିନିଧି ଦିବାକର ନାୟକ, ପଞ୍ଚାନନ ପାଳ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଚାଙ୍ଗରାପଲିରେ ଚବିଶପ୍ରହର ନାମଯଜ୍ଞ

**ଧରାକୋଟ,୩୧।୧(ସମିସ):** ଧରାକୋଟ ପଞ୍ଚାୟତ ଅନ୍ତର୍ଗତ ଚାଙ୍ଗରାପଲି ଗ୍ରାମରେ ଚାଲିଥିବା ଚବିଶ ପ୍ରହର ନାମ ଯଜ୍ଞର ପୂର୍ଣ୍ଣାହୁତି ହୋଇଯାଇଛି। ଏହି ଗ୍ରାମର ପ୍ରଚଳିତ ପରମ୍ପରା ଅନୁଯାୟୀ ପ୍ରତି ବର୍ଷ ଅଷ୍ଟ ପ୍ରହରୀ ନାମ ଯଜ୍ଞ ଗ୍ରାମରେ ଆୟୋଜିତ ହେଉଥିବାବେଳେ ପ୍ରତି ବାର ବର୍ଷ ପରେ ଚବିଶ ପ୍ରହର ନାମ ଯଜ୍ଞ ଅନୁଷ୍ଠିତ ହୋଇଆସୁଛି। ଏହା ଦୀର୍ଘ ୩୬ ବର୍ଷ ହେଲା ପାଳନ ହୋଇଆସୁଛି। ଏହି ନାମଯଜ୍ଞରେ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା, ବିଜେପିର ବରିଷ୍ଠ ନେତା ବିଜୟ ସ୍ୱାଇଁ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ ବିଭିନ୍ନ ଦିନରେ ଯୋଗ ଦେଇଥିବା ବେଳେ ଶେଷ ଦିନରେ ଧରାକୋଟ ରାଜା ସୁଲକ୍ଷଣା ଗୀତାଞ୍ଜଳି ଦେବୀ ଉପସ୍ଥିତ ରହି ପୂର୍ଣ୍ଣାହୁତି ପ୍ରଦାନ କରିଥିଲେ। ନିକଟସ୍ଥ ଗୋପାଳପୁର, ବାହାରପୁର, ଜାନବିଲି, ଡାକିବଜା, ବେଠୁଆର, କାନଗିରିଡି ସାବା, ନଦିଘୋର ଇତ୍ୟାଦି ଗ୍ରାମର ସଙ୍କୀର୍ତ୍ତନ ଦଳ ଏଥିରେ ନାମ ଗାନ କରିଥିଲେ। ପଣ୍ଡିତ ପ୍ରଭାତ କୁମାର ମିଶ୍ର ଓ ପଣ୍ଡିତ ପ୍ରତାପ କୁମାର ମିଶ୍ର ନାମ ଯଜ୍ଞରେ ମନ୍ତ୍ର ଉଚ୍ଚାରଣ କରିଥିଲେ। ଗ୍ରାମବାସୀ ସହଯୋଗ କରିଥିଲେ।



# ବସ୍-ଟ୍ରାକ୍ଟର ଧକ୍କା, ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

**ଆସିକା,୩୧।୧(ସମିସ):** ଆସିକା ଥାନା ଅନ୍ତର୍ଗତ ମକୁନ୍ଦପୁର ଛକ ନିକଟରେ ଶିବ ଗୌରୀ ଯାତ୍ରୀ ବାହି ବସ ସହ ଟ୍ରାକ୍ଟର ଧକ୍କା ହୋଇଥିବାବେଳେ ଅଳ୍ପକେ ବର୍ତ୍ତିଲେ ବସ ଯାତ୍ରୀ। ଜଣେ ଆହତ ଆସିକା ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ଶିବ ଗୌରୀ ନାମକ ଯାତ୍ରୀ ବାହି ବସ ସହ ଟ୍ରାକ୍ଟର ସହ ସାଇଡ ପାର ହେଉଥିବା ବେଳେ ଧକ୍କା ହୋଇ ଥିଲା। ଉଭୟ ଗାଡ଼ିର କୌଣସି ଯାତ୍ରୀ ଆହତ ହୋଇ ନଥିବା ବେଳେ ରାସ୍ତା ପାଶ୍ୱର୍ରେ ଥିବା ଜଣେ ବ୍ୟକ୍ତି ଆହତ ହୋଇଥିଲେ। ସେ ହେଉଛନ୍ତି ସ୍ଥାନୀୟ ଅଞ୍ଚଳର ଚିତ୍ତରଞ୍ଜନ ବେହେରା। ତେବେ ଏନେଇ ପୁଲିସରେ କୌଣସି ଅଭିଯୋଗ ହୋଇନଥିବା ଜଣାପଡ଼ିଛି।

# 'ଆମ ଓଡ଼ିଶା, ନବୀନ ଓଡ଼ିଶା' କାର୍ଯ୍ୟକ୍ରମ



**ଆସିକା,୩୧।୧(ସମିସ):** ଆସିକା ବ୍ଲକ ଅନ୍ତର୍ଗତ ବେଣାପାଟ ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ବବିତା ପ୍ରଧାନଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟିକା ମଞ୍ଜୁଳା ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟ ତନ୍ମୟୀ ନାହାକ, ପଞ୍ଚାୟତ ଅଫିସର କୁଳ ମଣି ସାହୁଙ୍କ ସମେତ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟ ମେଣ୍ଟର ଅଧିକାରୀ ଯୋଗ ଦେଇଥିଲେ। ଅଙ୍ଗନବାଡି କର୍ମୀ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ବିଭାଗରେ କୃତିତ୍‌" ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

# ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ

**ଜଗନ୍ନାଥପ୍ରସାଦ,୩୧।୧(ସମିସ):** ଜଗନ୍ନାଥପ୍ରସାଦ ବ୍ଲକ ଅନ୍ତର୍ଗତ ବିଡ଼ିପୁର ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ରଶ୍ମିତା ସାହୁ ଓ ସମିତି ସଭ୍ୟା ଗୀତାରାଣୀ ବାରକଙ୍କ ମିଳିତ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବ୍ଲକ ଉପାଧ୍ୟକ୍ଷ ରଞ୍ଜିତ କୁମାର ପାତ୍ର ଓ ବିଡିଓ ଅଶ୍ୱିନୀ କୁମାର ମହାପାତ୍ର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ କନ୍ଧମାଳ ସାଂସଦଙ୍କ ପ୍ରତିନିଧି ବିପ୍ର ଚରଣ ବାରିକ,୨୩ନମ୍ବର ଜୋନ ଜିଲ୍ଲାପରିଷଦ ସଭ୍ୟା ସୁମିତ୍ରା ପ୍ରଧାନ, ସରପଞ୍ଚ ରଶ୍ମିତା ସାହୁ, ସମିତି ମେମ୍ବର ଗୀତାରାଣୀ ବାରିକ, ନାଏବ ସରପଞ୍ଚ ଲକ୍ଷ୍ମୀପ୍ରିୟା ସ୍ୱାଇଁ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଦାର୍ଶନୀ ନାୟକ, କନିଷ୍ଠ ଯନ୍ତ୍ରୀ ଦୀପକ ସାହୁ, ପଞ୍ଚାୟତ ନିର୍ବାହୀ ଅଧିକାରୀ ନିରଞ୍ଜନ ପଟ୍ଟନାୟକ ପ୍ରମୁଖ ମଞ୍ଚାସିନ ରହି ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଗୁଡିକ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ କନ୍ଧମାଳ ସାଂସଦଙ୍କ ପ୍ରତିନିଧି ବିପ୍ର ଚରଣ ବାରିକ ସଭାପତିତ୍ୱ କରିଥିବାବେଳେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବରୁଣ ବେହେରା, ଶିଶିରକାନ୍ତ ସାହୁ, ଚକ୍ରଧର ପାଣିଗ୍ରାହୀ, ପ୍ରଭାତ ବାରିକ, ମହେଶ୍ୱର ପୋଲେଇ, ପ୍ରଭାତ କୁମାର ବିଷୋୟୀ, ଅମୀର ସ୍ୱାଇଁ, କାହ୍ନୁ ପରିଛା, କାଳୁଚରଣ ପଣ୍ଡା, କୈଳାଶ ଜେନା, ସୁରେଶ ଚନ୍ଦ୍ର ନାୟକ, ଖାଦାଳ ସ୍ୱାଇଁ, ଦିଲ୍ଲୀପ କୁମାର ସେଠୀ, ମନୁ ବିଶ୍ୱାଳ, ଜିତେନ୍ଦ୍ର ରଥ, ମଧୁସୂଦନ କର, ପ୍ରିୟ ରଞ୍ଜନ ରଥ, ଧ୍ରୁବଚରଣ ବେହେରା, ବିଜୟ କୁମାର ନାୟକ, ଭଗବାନ ଆଲଟିଆଙ୍କ ସମେତ ବିଭିନ୍ନ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ଓଏଲଏମ, ଏମବିକେ, ସିଆରପି, ଅଙ୍ଗନବାଡି କର୍ମୀ, ବହୁ ଜନପ୍ରତିନିଧି, ମହିଳାଙ୍କ ସମେତ ପଞ୍ଚାୟତବାସୀ ଉପସ୍ଥିତ ଥିଲେ।



# ଆତ୍ମରକ୍ଷା ତାଲିମ ଶିବିର




**ଧରାକୋଟ,୩୧।୧(ସମିସ):** ଧରାକୋଟ ସ୍ଥିତ ଅନନ୍ତ ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ଆତ୍ମରକ୍ଷା ତାଲିମ ଶିବିର ଉଦଯାପିତ ହୋଇଯାଇଛି। ଏନେଇ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଅକ୍ଷୟ ପଟ୍ଟନାୟକ ସଭାପତିତ୍ୱ କରିଥିଲାବେଳେ ନୋଡାଲ ଅଫିସର କ୍ଷୀରାବ୍ଧି ସାହୁ ଏଥିରେ ସଂଯୋଜନା କରିଥିଲେ। ମାଷ୍ଟର ଟ୍ରେନର ସୋନାଲି ଗୌଡ଼ଙ୍କ ଠାରୁ ୫୦ ଜଣ ଛାତ୍ରୀ ଆତ୍ମରକ୍ଷା କୌଶଳ ତାଲିମ ନେଇଥିଲେ। ଅଧ୍ୟାପକ ବଳରାମ ସ୍ୱାଇଁ, ଅଧ୍ୟାପିକା ରାଜଶ୍ରୀ ବେହେରା, ପ୍ରୀତିମୟୀ କର ପ୍ରମୁଖ ସହଯୋଗ ପ୍ରଦାନ କରିବା ସହିତ ତାଲିମ ନେଇଥିବା ଦକ୍ଷତାକୁ ଉପଯୋଗ ପାଇଁ ପରାମର୍ଶ ଦେଇଥିଲେ।

# ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଯାପିତ




**ଗଞ୍ଜାମ,୩୧।୧(ସମିସ):** ଗଞ୍ଜାମ ବ୍ଲକ ଅନ୍ତର୍ଗତ ଖଣ୍ଡଦେଉଳୀ ସହିଦ ଭଗତ ସିଂ କଲେଜରେ ନୂଆ-ଓ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ବୁଧବାର ଉଦଯାପିତ ହୋଇଯାଇଛି। ଏଥିରେ ସହିଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଦିବାକର ସ୍ୱାଇଁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଡ଼ଃ ସୁରେନ୍ଦ୍ର ନାଥ ପାଣିଗ୍ରାହୀ, ମୁଖ୍ୟବକ୍ତା ଡ଼ଃ ଲକ୍ଷ୍ମୀ ନାରାୟଣ ଦାଶ, ସମ୍ମାନିତ ଅତିଥି ସହିଦ ଭଗତ ସିଂ ସ୍ନାତକ ମହାବିଦ୍ୟାଳୟ ଅଧ୍ୟାପିକା ଡ଼ଃ ଜୟନ୍ତୀ ବେହେରା, ପ୍ରାଧ୍ୟାପକ ଅଭିମନ୍ୟୁ ସାହୁ, ଡ଼ଃ ଭଗବାନ ତ୍ରିପାଠୀ, ମୋଚିରାମ ନାହାକ, ନୋଡାଲ ଅଫିସର ସରୋଜ ଦାଶ, ଅଧ୍ୟାପକ ସତ୍ୟ ଭୂଷଣ ପାଢ଼ୀ ପ୍ରମୁଖ ମଞ୍ଚାସୀନ ଥିଲେ। ଓଡ଼ିଆ ଭାଷା ସାହିତ୍ୟ ବିଭାଗୀୟ ମୁଖ୍ୟ ଡ଼ଃ ଗୌରୀ ଶଙ୍କର ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପୂର୍ବରୁ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଧରାକୋଟରେ ବାଳିକା ଦିବସ ପାଳିତ

**ଧରାକୋଟ,୩୧।୧(ସମିସ):** ଧରାକୋଟ ସ୍ଥିତ ଶ୍ରୀରାଜ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ ଶିକ୍ଷା ଅଧିକାରୀ ଲିଙ୍ଗରାଜ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାଳିକା ଦିବସ ପାଳନ ହୋଇଯାଇଛି। ଚଳିତ ବର୍ଷ ବ୍ଲକର ୧୪ଟି କ୍ଲଷ୍ଟରର ଛାତ୍ରୀଙ୍କ ମଧ୍ୟରେ ଚିତ୍ର କଳା, ସ୍ଲୋଗାନ ଲିଖନ ଓ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ବାଲ୍ୟ ବିବାହ ରୋକିବା, ବାଳିକା ସ୍ୱାସ୍ଥ୍ୟ ଓ ଶିକ୍ଷାର ସଚେତନତା ସହ ପୋଷଣ, କନ୍ୟା ଭ୍ରୁଣ ହତ୍ୟା ରୋକିବା, ଯୌତୁକ ପ୍ରଥା ବନ୍ଦ କରିବା, ନାରୀ ମାନଙ୍କ ଆଇନ ଗତ ଅଧିକାର ଓ ସୁରକ୍ଷା ଉପରେ ସଚେତନ କରାଯାଇଥିଲା। ଅତିଥି ଭାବରେ ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ସାହୁ, ଏବିଇଓ ପ୍ରଦୀପ କୁମାର ହୋତା, ପ୍ରଦୀପ କୁମାର ଶତପଥୀ, ଉମା ଚରଣ ପାଣିଗ୍ରାହୀ ଓ ଏସଏମସି ସଭାପତି କୈବଲ୍ୟ ଦାସ ଓ ବିଚାରକ ଭାବରେ ଶିକ୍ଷକ ସୁରସେନ ସାହୁ, କାଳୁଚରଣ ସାହୁ ଓ ଭାସ୍କର ବାଡତ୍ୟା ଉପସ୍ଥିତ ଥିଲେ।

# ସିପିଆଇର ପରିବର୍ଦ୍ଧିତ ଆଲୋଚନା ସଭା

**ଦିଗପହଣ୍ଡି,୩୧।୧(ସମିସ):** ଦିଗପହଣ୍ଡି ବ୍ଲକ ପୋଡ଼ାବାଡ଼ି ଗ୍ରାମରେ ସିପିଆଇ ଶାଖାର ପରିବର୍ଦ୍ଧିତ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ଶାଖା ସମ୍ପାଦକ ସୋମନାଥ ଦଳାଇଙ୍କ ସଂଯୋଜନାରେ ଆୟୋଜିତ ସଭାରେ କୁନି ଗୌଡ଼ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତା ଭାବେ ବୃନ୍ଦାବନ ପଣ୍ଡା ଏବଂ ମୁଖ୍ୟଅତିଥି ଭାବେ ଶ୍ରମିକ ସଙ୍ଗଠନ ଏଆଇଟିୟୁସିର ଗଞ୍ଜାମ ଜିଲ୍ଲା ସାଧାରଣ ସମ୍ପାଦକ ଅଳକନାଥ ମିଶ୍ର ଯୋଗ ଦେଇଥିଲେ। ସଭାରେ ସ୍ଥାନୀୟ ସମସ୍ୟା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ପୋଡ଼ାବାଡ଼ି, ଗୁମା ଓ ମଥୁରା ଗ୍ରାମର ସମସ୍ତ ଚାଷଜମିକୁ କେନାଲ ଜରିଆରେ ଜଳସେଚନ ବ୍ୟବସ୍ଥା କରାଯିବା। ସମସ୍ତ ଗରିବ ଅସହାୟଙ୍କୁ ବିଜୁ ପକ୍କାଘର ଯୋଗାଇଦେବା ନେଇ ଆଗତ ପ୍ରସ୍ତାବ ସମ୍ପର୍କରେ ସବିଶେଷ ଆଲୋଚନା କରାଯାଇଥିଲା। ସଭାରେ କାଶୀନାଥ ଗୌଡ଼, ତାରିଣୀ ଗୌଡ଼, ମଙ୍ଗୁଲୁ ଦଳେଇ, ରାମହରି ଗୌଡ଼, ରାମେଶ୍ୱର ନାୟକ, ଅନିଲ ଗୌଡ଼, ଜୟନ୍ତୀ ସାହୁ, କୁରି ନାୟକ, ଚନ୍ଦ୍ରମା ନାୟକ, ଲଳିତା ଦଳେଇ, ରାମକୃଷ୍ଣ ଦଳେଇ, ବିଜୟ ବାଡ଼ତ୍ୟା, ନୟନି ଗୌଡ଼, କାଞ୍ଚନ ଦଳେଇ, କୁନ୍ତଳା ଗୌଡ଼, ଧୋବଣୀ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ଦାରିଙ୍ଗବାଡ଼ି,୩୧।୧(ସମିସ):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ ଗ୍ରୀନବାଡ଼ି ପଞ୍ଚାୟତସ୍ଥିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଝୁନୁରାଣୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଡ଼ିଓ ଗଦାଧର ପାତ୍ର, ସମ୍ମାନିତ ଅତିଥି ଭାବେ ଡବ୍ଲିଓ ବିଶ୍ୱଜିତ ଜାଲି, ବିଧାୟକ ପ୍ରତିନିଧି ଦୀପକ ସାହୁ, ସରପଞ୍ଚ ଚନ୍ଦ୍ରିକା ମଲ୍ଲିକ, ବନାନୀ ସାରସ୍ୱତୀ ପରିଷଦର ସଭାପତି ପତିତପାବନ ରାଉତ, ଶିକ୍ଷାବିତ ତଥା କବି ବିଦେଶୀ ନାୟକ ମଞ୍ଚାସୀନ ଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଏବଂ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଇନଚାର୍ଜ ପ୍ରିନ୍ସିପାଲ୍ ସୋନାଲିତା ପୃଷ୍ଟି ବିବରଣୀ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍କୁଲ ସଭାପତି ଲିଟୁ ନାୟକଙ୍କ ସମେତ ବହୁ ସଂଖ୍ୟାରେ ଅଭିଭାବକ ଉପସ୍ଥିତ ଥିଲେ। ଏହି ଅବସରରେ ତିନିଦିନ ଧରି ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତି ଛାତ୍ରଛାତ୍ରୀଙ୍କୁ ଅତିଥୀଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀ ଓ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଛାତ୍ରଛାତ୍ରୀ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ନରେନ୍ଦ୍ର ବେହେରା ସଂଯୋଜନା କରିଥିବା ବେଳେ ଶିକ୍ଷକ ସମ୍ବିତ ସତ୍ୟପ୍ରକାଶ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# 'ଆମ ଓଡ଼ିଶା-ନବୀନ ଓଡ଼ିଶା' କାର୍ଯ୍ୟକ୍ରମ

**ଛତ୍ରପୁର,୩୧।୧(ସମିସ):** ସ୍ଥାନୀୟ କାଳୀପଲ୍ଲୀ ପଞ୍ଚାୟତରେ "ଆମ ଓଡିଶା-ନବୀନ ଓଡିଶା' ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ସରପଞ୍ଚ ବି. ଲକ୍ଷ୍ମୀପାତ୍ର ଓ ସମିତି ସଭ୍ୟ ବିକାଶ କୁମାର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଛତ୍ରପୁର ବିଧାୟକ ସୁବାଷ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ବିଷୟରେ ସଚେତନ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଛତ୍ରପୁର ବିଡିଓ ସୁଶାନ୍ତ କୁମାର ବରାଳ, ଯୁବ ନେତା ବି. ଚନ୍ଦ୍ରମଣି ପାତ୍ର, ଛତ୍ରପୁର ବ୍ଲକ ଉପାଧ୍ୟକ୍ଷା ଏସ. ଶାରଦା ରେଡ୍ଡୀ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷା ଅମିତା ସାହୁ, ୨୦ନଂ ଜିଲ୍ଲା ପରିଷଦ ସଭ୍ୟ ଏମ. ଧନଞ୍ଜୟ ରେଡ୍ଡୀ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ମୁନା ଦାସ, ପୂର୍ବତନ ସମିତି ସଭ୍ୟ ଏନ. ଦୁର୍ଯ୍ୟୋଧନ ରେଡ୍ଡୀ, ସୁଶାନ୍ତ କୁମାର ସାହୁ ଓ ମଥୁରା ଚରଣ ସୁବୁଦ୍ଧି, ଛତ୍ରପୁର ଏନଏସି ଉପାଧ୍ୟକ୍ଷ ଜି. ପାପା ରାଓ, କାଉନସିଲର ଦେବାଶିଷ ମିଶ୍ରଙ୍କ ସମେତ ବହୁ ଜନ ପ୍ରତିନିଧି, ମହିଳା ଏବଂ ଜନ ସାଧାରଣ ଉପସ୍ଥିତ ଥିଲେ।



# ଆଇନ ସଚେତନତା ଶିବିର




**ଛତ୍ରପୁର,୩୧।୧(ସମିସ):** ଛତ୍ରପୁର ତାଲୁକ ଆଇନ ସେବା କମିଟି ପକ୍ଷରୁ ସ୍ଥାନୀୟ ସରକାରୀ ଆଇଟିଆଇ ପରିସରରେ କମିଟିର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଦୌରାଜଜ୍ ମନୋରଞ୍ଜନ ଦାଶଙ୍କ ପୌରହିତ୍ୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଏସଡିଜେଏମ ପ୍ରୀତିଶ କୁମାର ରଥ, ଛତ୍ରପୁର ଏସଡିପିଓ ଗୌରହରି ସାହୁ, ଡେପୁଟି କଲେକ୍ଟର ଆର୍ଯ୍ୟ କୁମାର, କମିଟିର ସଭ୍ୟ ମନୋଜ କୁମାର ପାଢ଼ି, ଆଇନଜୀବୀ ଏସ ଶ୍ୟାମ କୁମାର ରାଓ ଓ ଗିରିଶ କୁମାର ଶତପଥି ପ୍ରମୁଖ ଯୋଗଦେଇ "ନାଗରିକମାନଙ୍କର ସାମ୍ବିଧାନିକ ଅଧିକାର ଏବଂ କର୍ତ୍ତବ୍ୟ' ସମ୍ପର୍କରେ ସଚେତନ କରିଥିଲେ। ଏହି ଅବସରରେ ସରକାରୀ ଆଇଟିଆଇ ଅଧ୍ୟକ୍ଷ ଇଂ ପ୍ରିୟବ୍ରତ ପଣ୍ଡା, ଅନୁପ ରଣା, ଦୁର୍ଯ୍ୟୋଧନ ମହନ୍ତ, ବିରୟ ନାଥ ମୁର୍ମୁ ଓ ରୁଦ୍ର ନାରାୟଣଙ୍କ ସମେତ ବହୁ ବିଦ୍ୟାର୍ଥୀ ଉପସ୍ଥିତ ଥିଲେ।

# ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ

**ଛତ୍ରପୁର,୩୧।୧(ସମିସ):** ଗଞ୍ଜାମ ଜିଲ୍ଲା ପରିଷଦର ନୂତନ ମୁଖ୍ୟ ଉନ୍ନୟନ ଅଧିକାରୀ ଭାବେ ମଧୁମିତା ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି।୨୦୨୦ ବ୍ୟାଚର ଆଇଏଏସ ମଧୁମିତା ଏହା ପୂର୍ବରୁ କନ୍ଧମାଳ ଜିଲ୍ଲାର ବାଲିଗୁଡା ଉପଜିଲ୍ଲାପାଳ ଭାବେ କାର୍ଯ୍ୟରତ ଥିଲେ। ଦାୟିତ୍ୱ ଗ୍ରହଣ ଅବସରରେ ଗଣମାଧ୍ୟମକୁ ସୌଜନ୍ୟମୂଳକ ସାକ୍ଷାତରେ କହିଛନ୍ତି, ମନରେଗା ଓ ଗ୍ରାମ୍ୟ ଗୃହ ନିର୍ମାଣ ସମେତ ବିଭିନ୍ନ ଉନ୍ନୟନ ଯୋଜନାର ସଫଳ କାର୍ଯ୍ୟକାରିତାକୁ ଗୁରୁତ୍ୱ ଦିଆଯିବ, ସେହିପରି ରୋଲ ମୋଡେଲ ଭାବେ ଗଞ୍ଜାମ ଜିଲ୍ଲାର ସୁନାମକୁ ବଜାୟ ରଖିବା ତାଙ୍କର ପ୍ରଥମ ଲକ୍ଷ୍ୟ ବୋଲି କହିଛନ୍ତି। ଏହି ଅବସରରେ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ତାଙ୍କୁ ସ୍ୱାଗତ କରିଥିଲେ। ସୂଚନାଯୋଗ୍ୟ ପୂର୍ବରୁ ଗଞ୍ଜାମ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଭାବେ ଭି. କୀର୍ତ୍ତି ଭାସନଙ୍କୁ କୋରାପୁଟ ଜିଲ୍ଲାପାଳ ଭାବେ ବଦଳି ହୋଇଛି।



## ପ୍ରାଣୀ ଚିକିତ୍ସକଙ୍କ ଆନ୍ଦୋଳନ ଜାରି

# ମହିଳା ଗୋଷ୍ଠୀଙ୍କ ଆର୍ଥିକ ଅଭିବୃଦ୍ଧି ପ୍ରଭାବିତ

**ଛତ୍ରପୁର,୩୧।୧(ସମିସ):**

ପ୍ରାଣୀ ଚିକିତ୍ସକ ମାନଙ୍କ ସାମୂହିକ ଛୁଟି ପରିସ୍ଥିତିରେ ଗଞ୍ଜାମ ଜିଲ୍ଲାରେ ପ୍ରାଣୀ ଚିକିତ୍ସା ମର୍ମନ୍ତୁଦ ଅବସ୍ଥାରେ ପହଁଞ୍ଚିଛି ଓ ବିଭାଗ ଦ୍ୱାରା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ଆର୍ଥିକ ସହାୟତା ମାଧ୍ୟମରେ ଛେଳି, ଦୁଧିଆଳୀ ଗାଈ, ଅଣ୍ଡା ଦିଆ କୁକୁଡା ଓ ବଏଲର, ଫାର୍ମ ପ୍ରତିଷ୍ଠା ନିମନ୍ତେ ପ୍ରୋତ୍ସାହନ ଦିଆଯାଇଥିଲା। କିନ୍ତୁ ପ୍ରାଣୀ ଚିକିତ୍ସକଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁଁ କାଳିଆବାଲିର ମା'ଗ୍ରାମଦେବତୀ, କମାପଲ୍ଲୀର ଓମ ସାଇ ନାଥ, ଲଣ୍ଡାବାଉଁଶର ଶିବଶଙ୍କର ସ୍ୱୟଂ ସହାୟକ ଗୋଷ୍ଠୀ କାର୍ଯ୍ୟାଦେଶ ମିଳିବାକୁ ଅପେକ୍ଷା କରି ନିରାଶ ହୋଇଛନ୍ତି। ଛେଳି କିଣିଲା ପରେ ଚିକଲଖଣ୍ଡିର ମା'କନକ ଦୁର୍ଗା, ପୂଟବଗଡର ଦୁର୍ଗାଦେବୀ, ରାମପଲ୍ଲୀର ଜୟ ବଜରଙ୍ଗୀ ଇତ୍ୟାଦି ସ୍ୱୟଂ ସହାୟକ ଗୋଷ୍ଠୀ ଇନସୁରାନ୍ସ କରିବା ନିମନ୍ତେ ଅପେକ୍ଷା କରି ରହିଛନ୍ତି। ସେହିପରି ଫାର୍ମ ପ୍ରତିଷ୍ଠା କରି ସବସିଡି ପାଇବା ନିମନ୍ତେ ନରସିଂହପୁରର ମା'ବାଟ ମଙ୍ଗଳା, ଟାଙ୍ଗଣାପଲ୍ଲୀର ଶ୍ରୀଲକ୍ଷ୍ମୀ ନୃସିଂହ ଆଦି ସ୍ୱୟଂ ସହାୟକ ଗୋଷ୍ଠୀ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଓ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ବିଭିନ୍ନ ବ୍ୟକ୍ତି ନିଜସ୍ୱ ପାଣ୍ଠି ବିନିଯୋଗ କରି ସବସିଡି ନ ପାଇ ଖୁବ୍ ଆର୍ଥିକ ଅନାଟନ ଦେଇ ଗତି କରୁଛନ୍ତି । ପ୍ରକାଶ ଥାଉକି ପ୍ରତ୍ୟେକ ବ୍ଲକ ପ୍ରାଣୀ ଚିକିତ୍ସା କେନ୍ଦ୍ର ମାଧ୍ୟମରେ ପ୍ରାୟ ଏକ କୋଟି ଟଙ୍କା ଆର୍ଥିକ ଅନୁଦାନ ଦିଆଯିବା ନିମନ୍ତେ ଖସଡା ପ୍ରସ୍ତୁତ ହୋଇଥିଲେ ମଧ୍ୟ ଡାକ୍ତର ମାନଙ୍କ ଧର୍ମଘଟ ହେତୁ ତାହା ଦୁର୍ଘଟଣା ଭଳି ବିପର୍ଯ୍ୟୟ ଭିତରକୁ ଖସି ଯାଇଚି ଓ ସରକାରଙ୍କ ଆର୍ଥିକ ବିନିଯୋଗ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର ଆର୍ଥିକ ଅଭିବୃଦ୍ଧି ନିମନ୍ତେ ସରକାର ଡାକ୍ତର ମାନଙ୍କ ସହିତ ଆଲୋଚନା କରି ତୁରନ୍ତ ପଦକ୍ଷେପମାନ ନେବାକୁ ସାଧାରଣରେ ଦାବି ହୋଇଛି।

# ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା ପାଇଁ ମକ୍‌ଡ୍ରିଲ୍




**ଫିରିଙ୍ଗିଆ,୩୧।୧(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ବନବିଭାଗ କାର୍ଯ୍ୟାଳୟ ସଭାଗୃହରେ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ସମ୍ପର୍କିତ ସଚେତନ ତାଲିମ ଏବଂ ମିଳିତ ମକଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ପ୍ରଶାସନିକ ସ୍ତରରେ ମିଳିତ ଭାବରେ ବିଭିନ୍ନ ବିଭାଗ ବନ ବିଭାଗ, ଅଗ୍ନିଶମ ବିଭାଗ, ପୁଲିସ, କେନ୍ଦୁପତ୍ର ବିଭାଗ ସହ ଫିରିଙ୍ଗିଆ ବନାଞ୍ଚଳର ପ୍ରତ୍ୟେକ ବିଟର ବନପାଳ, ବନ ରକ୍ଷୀ ଯୋଗ ଦେଇଥିଲେ। ଫିରିଙ୍ଗିଆ ବନାଞ୍ଚଳ ଅଧିକାରୀ ରବୀନ୍ଦ୍ର କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ସହକାରୀ ବନ ସଂରକ୍ଷକ ମଳୟ ରଞ୍ଜନ କାଲୋ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଗ୍ନିଶମ ଅଧିକାରୀ ସରୋଜ କୁମାର ମହାପାତ୍ର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଫିରିଙ୍ଗିଆ ବନାଞ୍ଚଳ ଅଧିକାରୀ ଜଙ୍ଗଲରେ ନିଆଁକୁ କିଭଳି ଭାବରେ ଆୟତ୍ତ କରିହେବ ଏବଂ ଏଥିପାଇଁ କଣ ଉପାୟ ଅବଲମ୍ବନ କରାଯାଇପାରିବ ସେ ନେଇ ଉପସ୍ଥିତିଙ୍କୁ ସଚେତନ କରିଥିଲେ। ଫିରିଙ୍ଗିଆ ବନାଞ୍ଚଳ ଅଧିନସ୍ଥ ୨୭ ପଞ୍ଚାୟତରେ ଥିବା ବନସୁରକ୍ଷା ସମିତିକୁ ପ୍ରତିବର୍ଷ ନିଆଁ ଦାଉରୁ ରକ୍ଷା କରିବା ପାଇଁ ସଚେତନ କରାଯାଉଥିବା ବେଳେ ଚଳିତ ବର୍ଷ ପ୍ରତ୍ୟେକ ବିଭାଗ ମିଳିତ ଭାବରେ ଜଙ୍ଗଲରୁ ନିଆଁରୁ ସୁରକ୍ଷା କରିବା ପାଇଁ ଆଲୋଚନା କରାଯାଇଥିଲା। ପ୍ରତ୍ୟେକ ବିଭାଗର ଅଧିକାରୀ ମଧ୍ୟ ଜଙ୍ଗଲ ନିଆଁ ପ୍ରତି ସଚେତନ ରହିବା ସହ ସୁରକ୍ଷା କରିବାକୁ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମ ଶେଷରେ ଫିରିଙ୍ଗିଆ ବନାଞ୍ଚଳ ସରୁକୋଇ ଘାଟି ନିକଟରେ ନିଆଁକୁ କିଭଳି ଭାବରେ ଆୟତ୍ତ କରାଯିବ ସେ ନେଇ ମକଡ୍ରିଲ କରାଯାଇଥିଲା। ଅଗ୍ନିଶମ ବାହିନୀ ମକଡ୍ରିଲରେ ସହଯୋଗ କରିଥିଲେ। ବିଭିନ୍ନ ବିଭାଗର ଶତାଧିକ ଅଧିକାରୀ ଓ ବିଭିନ୍ନ ସଂଗଠନର କର୍ମକର୍ତ୍ତା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଫିରିଙ୍ଗିଆ ବନପାଳ ପ୍ରବୀଣ କୁମାର ଦାଶ, ନୂଆପଦର ବନପାଳ ବ୍ରଜସୁନ୍ଦର ଦାଶ, ଗୋଛାପଡ଼ା ବନପାଳ ଦିଲୀପ ବିଷୋଇ, ବାଲାନ୍ଦାପଡ଼ା ବନପାଳ ସନ୍ତୋଷ କୁମାର ସାହୁ, ବନରକ୍ଷୀ ସୁଜିତ ପ୍ରଧାନ, ପାହାଡ଼ ଟିମ ଲିଡର ବିଭୁ ପ୍ରସାଦ ପ୍ରଧାନ, ମନୋଜ କୁମାର ସାହୁ, ଦଣ୍ଡ ପାଣି କହଁର, ଡିଓ ଅମୁଲ୍ୟ ପ୍ରଧାନ ପରିଚାଳନା କରିଥିଲେ।

# 'ନୂଆ-ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ




**ରାଇକିଆ,୩୧।୧(ସମିସ):** କନ୍ଧମାଳ ଜିଲ୍ଲା ରାଇକିଆ ଜୀବନ ଜ୍ୟୋତି ମହାବିଦ୍ୟାଳୟରେ ବୁଧବାର ନୂଆ-ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଶଙ୍କର୍ଷଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ଅତିଥି ଭାବେ ମହାବିଦ୍ୟାଳୟ ସଭାପତି ରାଜମୋହନ ଦିଗାଲ, ବିଡ଼ିଓ ସୀମାଞ୍ଚଳ ମଣ୍ଡଳ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ଡ. ନଳିନୀକାନ୍ତ ପାଣିଗ୍ରାହୀ ଯୋଗ ଦେଇ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଜଗନ୍ନାଥ ସଂସ୍କୃତି ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଫେସର ପ୍ରଭାକର ରାଜୁ, ଉମାକାନ୍ତ ରଥ ଯୋଗ ଦେଇଥିଲେ। ଭାଷା ସାହିତ୍ୟ ଓ ଜଗନ୍ନାଥ ସଂସ୍କୃତି ଉପରେ ଆଧାରିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ନୋଡାଲ ଅଫିସର ଓଡ଼ିଆ ବିଭାଗ ଅଧ୍ୟାପିକା ସସ୍ମିତା ଲୋହାର ଓ ଲିଜାଲିନ ଭୋଇ ସଂଯୋଜନା କରିଥିଲେ। ସମସ୍ତ କର୍ମଚାରୀ ପରିଚାଳନା ରେ ସହଯୋଗ କରିଥିଲେ।

# ଉଲ୍ଲାଭଦ୍ରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ରାଜ୍ୟସ୍ତରରେ ସମ୍ମାନିତ



**କାଶୀନଗର,୩୧।୧(ସମିସ):** ଗଜପତି ଜିଲ୍ଲା କାଶୀନଗର ବ୍ଲକର ଉଲ୍ଲାଭଦ୍ରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଶ୍ରେଷ୍ଠ ଅନୁଷ୍ଠାନ ଭାବେ ବୁଧବାର ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଉତ୍ସବରେ ସମ୍ମାନୀତ କରାଯାଇଛି। ଏହି ଉତ୍ସବରେ ଅନୁଷ୍ଠାନର ପ୍ରଧାନ ଶିକ୍ଷକ ପି. ନାଗଭୂଷଣ ରାଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମ୍ମାନ ଗ୍ରହଣ କରିଛନ୍ତି। ଅନୁଷ୍ଠାନର ଗୁଣାତ୍ମକ ଶିକ୍ଷା ସହ ସୌନ୍ଦର୍ଯ୍ୟକରଣ, ଶୃଙ୍ଖଳା ସଂକ୍ରାନ୍ତ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ରାଜ୍ୟ ସରକାର ଏହି ସମ୍ମାନ ପ୍ରଦାନ କରିଛନ୍ତି। ସେହିଭଳି ଶ୍ରେଷ୍ଠ ଶିକ୍ଷକ ଭାବେ ଏହି ଅନୁଷ୍ଠାନର ବୃନ୍ଦଦେବ ଭୂଆଁ ରାଜ୍ୟସ୍ତରୀୟ ଆଦର୍ଶ ଶିକ୍ଷକ ଭାବେ ସମ୍ମାନୀତ ହୋଇଛନ୍ତି। ଏହି ଉତ୍ସବରେ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଗଣଶିକ୍ଷା ସଚିବ ଅଶ୍ୱତୀ ଏସ୍ ସମେତ ଉନ୍ନୟନ ବିଭାଗର କମିଶନର, ୟୁନିସେଫର ଅନିତା ପଟ୍ଟନାୟକ ଓ ସୁବ୍ରତ ବାଗଚି ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକର ଏକ ମାତ୍ର ବିଦ୍ୟାଳୟ ଭାବେ ଏହି ବିଦ୍ୟାଳୟକୁ ଏଭଳି ସମ୍ମାନ ମିଳିଛି। ସେହିଭଳି ବିନାୟକ ମହାପାତ୍ର, ନୋବେଲ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଆମୋସ ଲିମା, ମୋହନ ରାଓ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଛନ୍ତି। ଏହିଭଳି କୃତିତ୍ୱ ଯୋଗୁଁ ବିଭିନ୍ନ ମହଲରେ ଶୁଭେଚ୍ଛାର ସୁଅ ଛୁଟିଛି। ଗଜପତି ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗାବାରା ତିରୁପତି ରାଓ, କାଶୀନଗର ବ୍ଲକ ଅଧ୍ୟକ୍ଷା ବାଲ୍ଲା ସାୟାମା, ଖାରଡା ସରପଞ୍ଚ ଅଖିଳ ପାତ୍ର, ସରପଞ୍ଚ ଗୋପାଳ ଶବର, ମାଧବ ଶବର, ଆର. ରାମ ପ୍ରସାଦ, କାଶୀନଗର ଯୁବ ବିଜେଡି ସଭାପତି ରାଜେଶ୍ ମିଶାଲ ପ୍ରମୁଖ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

# କଳିଙ୍ଗ ମହାବିଦ୍ୟାଳୟରେ 'ନୂଆ-ଓ' କାର୍ଯ୍ୟକ୍ରମ ଉଦ୍‌ଯାପିତ




**ଜି.ଉଦୟଗିରି, ୩୧।୧(ସମିସ):** ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରାୟୋଜିତ 'ନୂଆ-ଓ' ତଥା ଓଡ଼ିଆ ବିଶ୍ୱ ଭାଷା ସମ୍ମିଳନୀ ଓ ଜଗନ୍ନାଥ ମନ୍ଦିର ପରିକ୍ରମା ଲୋକାର୍ପଣ ପରିପ୍ରେକ୍ଷୀରେ କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବ୍ଲକ କଳିଙ୍ଗ ମହାବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ଉଦଯାପନୀ ତଥା ପୁରସ୍କାର ବିତରଣ ଉତ୍ସବ ଅଧ୍ୟକ୍ଷ ସୁଧାଂଶୁ ଶେଖର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ତହସିଲଦାର ରଞ୍ଜନ କୁମାର ସାହୁ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ପ୍ରଶାନ୍ତ କୁମାର ମହାନ୍ତି ଏବଂ ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ବଳରାମ ସାହୁ ଯୋଗ ଦେଇ ଜଗନ୍ନାଥ ସଂସ୍କୃତି ଏବଂ ଓଡ଼ିଆ ଭାଷାର ବିକାଶ ପାଇଁ ସରକାରଙ୍କ ପ୍ରୟାସକୁ ଉଚ୍ଚ ପ୍ରଶଂସା କରିବା ସହିତ ଓଡ଼ିଆ ଭାଷା ଓ ଜଗନ୍ନାଥ ସଂସ୍କୃତିର ମହତ୍ତ୍ୱ ବିଷୟରେ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ। ଅଧ୍ୟାପକ ଡ. ନଳିନୀ କୁମାର ପାଣିଗ୍ରାହୀ ଅତିଥିଙ୍କୁ ସ୍ୱାଗତ କରିବା ସହିତ ପରିଚୟ ପ୍ରଦାନ କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟା ସୁପ୍ରିୟା ମହାନ୍ତି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିବା ବେଳେ କୃତି ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ମାନପତ୍ର ଏବଂ ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## 'ନୂଆ-ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

**ଫିରିଙ୍ଗିଆ, ୩୧।୧(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପଞ୍ଚାୟତ ମହାବିଦ୍ୟାଳୟ ସଭାଗୃହରେ ନୂଆ ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦଯାପିତ ହୋଇଛି। ପଞ୍ଚାୟତ ମହାବିଦ୍ୟାଳୟର ଯୁକ୍ତ ଦୁଇ ଅଧ୍ୟକ୍ଷ ଚିତ୍ତରଞ୍ଜନ ମିଶ୍ରଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବରେ ପଞ୍ଚାୟତ ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ନବଘନ ସାହୁ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଡ଼. ବିରଞ୍ଚି ନାରାୟଣ



ସାହୁ, ହରିପ୍ରିୟା ମିଶ୍ର, ଡମ୍ବରୁ ଧର ସାହୁ ଯୋଗଦେଇ ଓଡ଼ିଆ ଭାଷା ଓ ଶ୍ରୀ ଜଗନ୍ନାଥ ସଂସ୍କୃତି ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବରେ ଅଧ୍ୟାପକ ରାମକୃଷ୍ଣ ମହାନ୍ତି ଯୋଗ ଦେଇଥିଲେ। ଅଧ୍ୟାପକ ବାଲୁଙ୍କେଶ୍ୱର ଆଚାର୍ଯ୍ୟ, ଲକ୍ଷ୍ମୀକାନ୍ତ ସାହୁ, ଚିନ୍ମୟୀ ନାୟକ, ସୁଶାନ୍ତ କୁମାର ନାୟକ, ବିଜନ କୁମାର ପ୍ରଧାନ, ଅଶୋକ କୁମାର ପ୍ରଧାନ, ଶୁକଦେବ ମୁଖି ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ନୋଡାଲ ଅଫିସର ଓଡ଼ିଆ ବିଭାଗ ଅଧ୍ୟାପକ ବିଭୁତି ଭୂଷଣ ଶତପଥୀ ପରିଚାଳନା କରିଥିଲେ। ଛାତ୍ରଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଆତ୍ମସୁରକ୍ଷା ତାଲିମ ଶିବିର ଉଦଯାପିତ

**ଟିକାବାଲି, ୩୧।୧(ସମିସ):** କନ୍ଧମାଳ ଜିଲ୍ଲା ଟିକାବାଲି ଏଏମସିଏସ ମହାବିଦ୍ୟାଳୟ ରେ ଯୁକ୍ତ ଦୁଇ ପ୍ରଥମ ବର୍ଷର ଛାତ୍ରୀଙ୍କୁ ନେଇ ଆଠ ଦିନଧରି ଚାଲିଥିବା ଆତ୍ମସୁରକ୍ଷା ତାଲିମ ଶିବିର ଉଦଯାପିତ ହୋଇଛି। ଉଦଯାପନ ଉତ୍ସବରେ ଅଧ୍ୟକ୍ଷ ଦୀନବନ୍ଧୁ ମହାନ୍ତି ସଭାପତିତ୍ୱ କରିଥିବା ବେଳେ ଶଙ୍କରାଖୋଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡ଼.ସନ୍ତୋଷ କୁମାର ପ୍ରଧାନ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ସଞ୍ଜୟ କୁମାର




ଦିଗାଲ, ରମେଶ ଚନ୍ଦ୍ର ପଣ୍ଡା, ସସ୍ମିତା ମଲ୍ଲିକ ଯୋଗ ଦେଇ ଆତ୍ମରକ୍ଷା କୌଶଳକୁ ଠିକ ସମୟରେ ପ୍ରୟୋଗ କରିବା ଉଚିତ ବୋଲି ପରାମର୍ଶ ଦେଇଥିଲେ। ଅଧ୍ୟାପକ ନରେନ୍ଦ୍ର ଦିଗାଲ ସଂଯୋଜନା କରିଥିବା ବେଳେ ମାଷ୍ଟର ଟ୍ରେନର ଛାତ୍ରୀ ଜ୍ୟୋତିର୍ମୟୀ ପ୍ରଧାନ, ଅଞ୍ଜଳି କଂହର ପ୍ରଶିକ୍ଷଣ ଦେଇଥିଲେ। ଅଧ୍ୟାପକ ସୂରଜ ସାସମଲ ଧନ୍ୟବାଦ ଅର୍ପଣ କରିଥିଲେ। ବ୍ରହ୍ମପୁର ଆଞ୍ଚଳିକ ମାଧ୍ୟମିକ ଶିକ୍ଷା ପରିଷଦର ନିର୍ଦ୍ଦେଶକ ଡ଼.ସୁଶାନ୍ତ କୁମାର ଦାସ ଶିବିର ପରିଦର୍ଶନ କରିଥିଲେ।

# ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ



**ଜି.ଉଦୟଗିରି, ୩୧।୧(ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ ୮ ଦିନିଆ ଆତ୍ମ ସୁରକ୍ଷା ତାଲିମ ଶିବିର ବୁଧବାର ଉଦଯାପିତ ହୋଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଶିବରାମ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନ ସଭାରେ ଜି.ଉଦୟଗିରି ଗୋଷ୍ଠୀ ଶିକ୍ଷା ଅଧିକାରୀ ଦିବ୍ୟ ପ୍ରକାଶ ପ୍ରଧାନ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥି ଭାବେ ଏବିଇଓ ରଞ୍ଜନ କୁମାର ରାଉତରାୟ ଯୋଗ ଦେଇ ଛାତ୍ରୀ ମାନେ ଶିବିରରୁ ଶିକ୍ଷା କରିଥିବା ତାଲିମ ନେଇ ନିଜ ସୁରକ୍ଷା ନିଜେ କରିପାରିଲେ ଏହି ଶିବିର ସଫଳ ହେଲା ବୋଲି ଅନୁଭବ ହେବ ବୋଲି କହିଥିଲେ। ନୋଡାଲ ଅଫିସର ଅଧ୍ୟାପିକା ସସ୍ମିତା ଦାଶ ତାଲିମ ଶିବିର ପରିଚାଳନା କରିବା ସହ ବିବରଣୀ ପାଠ କରିଥିଲେ। ଅଧ୍ୟାପିକା ଡ଼.ବବିତା ରାଣୀ ପଟ୍ଟନାୟକ, ଅଧ୍ୟାପିକା ମିନତୀ ଦାଶ, ଅଧ୍ୟାପିକା ସୁଧାରାଣୀ ପାତ୍ର ଛାତ୍ରୀଙ୍କୁ ଶିବିରରୁ ଶିଖିଥିବା କୌଶଳ ଆତ୍ମ ସୁରକ୍ଷାରେ ସହାୟକ ହେବ ବୋଲି କହିଥିଲେ। ଟ୍ରେନର ମାନସୀ ପ୍ରଧାନ ଓ ଅନିତା ନାୟକ ତାଲିମ ପ୍ରଦାନ କରିଥିଲେ।

# ଇଭିଏମ୍‌ରେ ଭୋଟ ପ୍ରଦାନ ସଚେତନତା କାର୍ଯ୍ୟକ୍ରମ

**ଟିକାବାଲି, ୩୧।୧(ସମିସ):** ସାରା ଦେଶ ତଥା ରାଜ୍ୟରେ ଇଭିଏମ ମାଧ୍ୟମରେ ଭୋଟ ଯେପରି ସୁରକ୍ଷିତ ଓ ନିର୍ଭୁଲ ଭାବରେ ନାଗରିକ ଭୋଟ ଦେଇ ପାରିବେ ସେ ବିଷୟରେ ସଚେତନତା ଚାଲିଥିବା ବେଳେ କନ୍ଧମାଳ ଜିଲ୍ଲାର ଟିକାବାଲି ବ୍ଲକରେ ଏଭଳି ସଚେତନତା କାର୍ଯ୍ୟକ୍ରମ ଗତ ୧୮ ତାରିଖରୁ ଆରମ୍ଭ ହୋଇଛି। ଏହା ଆସନ୍ତା



ଫେବୃଆରୀ ୮ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି କୁହାଯାଇଛି। ବୁଧବାର ଟିକାବାଲି ବ୍ଲକର କଟିମାହା ପଞ୍ଚାୟତ ଡୁଟୁକାଗାଁ ମତଦାନ କେନ୍ଦ୍ରରେ ଭୋଟରଙ୍କୁ ଇଭିଏମରେ କିପରି ସୁରକ୍ଷିତ ଓ ନିର୍ଭୁଲ ଭାବେ ଭୋଟ ଦିଆଯିବ ସେଥିନେଇ ସଚେତନତା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆରଆଇ ସୁମନ୍ତ କୁମାର ଜାନି, ଆରଆଇ ବିଭୂତି ଭୂଷଣ ସାହୁ, ବ୍ଲକ କର୍ମଚାରୀ ରାଜେନ୍ଦ୍ର ଦିଗାଲ, ସିଆରସିସି ଅରବିନ୍ଦ ମହାପାତ୍ର, ବିଏଲଓ ତପନ କୁମାର ନାୟକ, ପୁଲିସ ଅଧିକାରୀ ଲିଙ୍ଗରାଜ ଖଟୁଆ, ଚାଳକ ମିଥୁନ ଦିଗାଲ ଉପସ୍ଥିତ ଥିଲେ।

# ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ




**ଚକାପାଦ, ୩୧।୧(ସମିସ):** କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକ ଶଙ୍କରାଖୋଲସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଚକାପାଦ ବ୍ଲକ ଅଧ୍ୟକ୍ଷା ବୈନେତ୍ରୀ କହଁର, ବକ୍ତା ଭାବେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଉମେଶ ପ୍ରଧାନ, ଅତିଥି ଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ରବିନାରାୟଣ ମିଶ୍ର, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଜାନକୀ ପ୍ରଧାନ, ତଥା ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମମତା ବେହେରା, ସମବାୟ ସମିତି ପରିଚାଳକ ନିର୍ଦ୍ଦେଶକ ସୁଶାନ୍ତ ବେହେରା, ସାମ୍ବାଦିକ ବାଳକୃଷ୍ଣ କହଁର, ମନୋଜ କୁମାର ଗୌଡ଼ ଉପସ୍ଥିତ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମର କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷକ ମନୋଜ କୁମାର ସାହୁ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ଉଦ୍ୟାନଭିତ୍ତିକ ବଗିଚା ପ୍ରସ୍ତୁତି ଓ ସଂରକ୍ଷଣ ତାଲିମ ଶିବିର

**ପାରଳାଖେମୁଣ୍ଡି, ୩୧।୧(ସମିସ) :** ଗଜପତି ଜିଲ୍ଲାର ସ୍ୱେଚ୍ଛାସେବୀ ସଂସ୍ଥା ସିସିଡି ଆନୁକୁଲ୍ୟରେ କେକେଏସ-ବିଏମଜେଡ ସହାୟତାରେ ଗୁମ୍ମା ବ୍ଲକ ଅନ୍ତର୍ଗତ ତରଙ୍ଗଡା ପଞ୍ଚାୟତ ସମ୍ମିଳନୀ କକ୍ଷରେ ଉଦ୍ୟାନ ଓ ଉଦ୍ୟାନ ଭିତ୍ତିକ ବଗିଚା ପ୍ରସ୍ତୁତି ଓ ସଂରକ୍ଷଣ ଉପରେ




ଏକ ତାଲିମ ଶିବିର ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟଅତଥି ଓ ସମ୍ବଳ ବ୍ୟକ୍ତି ଭାବେ ଉଦ୍ୟାନ ବିଭାଗର ସହକାରୀ ନିର୍ଦ୍ଦେଶକ ଶଂଶାକ ଶେଖର ସାହୁ ଯୋଗ ଦେଇଥିଲେ। ଏହା ବ୍ୟତୀତ ତରଙ୍ଗଡା ପଞ୍ଚାୟତ ସରପଞ୍ଚ ଜନ୍ ମଣ୍ଡଳ, ନାଏବ ସରପଞ୍ଚ, ସମିତି ସଭ୍ୟ ଓ ୱାର୍ଡ ସଭ୍ୟସଭ୍ୟା ଯୋଗଦେଇଥିଲେ। ଫଳ ଚାଷ ମାଧ୍ୟମରେ ଚାଷୀଙ୍କ ଆୟପନ୍ଥା ବୃଦ୍ଧି ଓ ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ବିଭିନ୍ନ ଫଳ ପ୍ରକ୍ରୀୟାକରଣ ଓ ମୂଲ୍ୟ ବୃଦ୍ଧି ଉପରେ ସିସିଡି ସମ୍ପାଦକ ଏ ଜଗନ୍ନାଥ ରାଜୁ ଦୃଷ୍ଟି ଆକର୍ଷଣ କରିଥିଲେ। ଅଣ ଚାଷ ଜମିରେ କିପରି ବିଭିନ୍ନ ପ୍ରକାର ଫଳଗଛ ଓ ଫଳ ବଗିଚା ପ୍ରସ୍ତୁତ କରାଯାଇପାରିବ ଏବଂ ବିଭିନ୍ନ ରୋଗ ଓ ପୋକକୁ ସରଳ ଓ ସୁବିଧା ଉପାୟରେ ନିୟନ୍ତ୍ରଣ କରାଯାଇପାରିବ ତା ଉପରେ ମୁଖ୍ୟ ସମ୍ବଳ ବ୍ୟକ୍ତି ଆଲୋକପାତ କରିଥିଲେ। ଏହା ସହ ଚାଷୀଙ୍କ ପାଇଁ ଉଦ୍ଦିଷ୍ଟ ସରକାରଙ୍କ ବିଭିନ୍ନ ଉନ୍ନୟନ ଯୋଜନା ଉପରେ ଅବଗତ କରାଇଥିଲେ। ପର୍ଯ୍ୟାୟ କ୍ରମେ କିପରି ବିଭିନ୍ନ ଫଳନ୍ତି ଗଛର ଯତ୍ନ ଯଥା ଜଳସେଚନ, ଖତ ଓ ସାର ର ପ୍ରୟୋଗ, ଫଳ ଅମଳ ସମୟରେ ଓ ଅମଳ ପରର ଯତ୍ନ, ବଜାରୀକରଣ ଉପରେ ଆଲୋକପାତ କରିଥିଲେ। ଏହି ତାଲିମ ଶିବିରରେ ତାମୋସିଂ, ତହଜଙ୍ଗ, ଲୁଙ୍ଗ, ରାଗାଇସିଂ, କୁଲାବାଡ, ରାମନଗର, କଣ୍ଡାପାର୍ସମ୍ବା ଓ ତରଙ୍ଗଡା ଗ୍ରାମର ମୋଟ ୯୦ ଜଣ ପୁରୁଷ ଓ ମହିଳା ଚାଷୀ ଉପସ୍ଥିତ ଥିଲେ। ଏହି ସମସ୍ତ ଆଲୋଚନାକୁ ସ୍ଥାନୀୟ ସରପଞ୍ଚ ଆଞ୍ଚଳିକ ଭାଷାରେ ବୁଝାଇଥିଲେ। ଶିବିର ଟିକୁ ସଂଯୋଜକ ହୃଷୀକେଶ ପଣ୍ଡା, କ୍ଷେତ୍ର ସଂଯୋଜକ ସସି ଗମାଙ୍ଗ ଓ ଏଲିସାୟ ଗମାଙ୍ଗ, ଚାଷୀ ଉତ୍ପାଦକ ଦଳର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରଞ୍ଜନ ରଇତ ପରିଚାଳନା କରିଥିଲେ। ନାଏବ ସରପଞ୍ଚ ଧନ୍ୟବାଦ ଅର୍ପଣ କରିଥିଲେ।

# ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିର

**କାଶୀନଗର,୩୧।୧(ସମିସ):** ଗଜପତି ଜିଲ୍ଲା କାଶୀନଗର ସ୍ଥିତ ବିଜୁ କଲ୍ୟାଣ ମଣ୍ଡପରେ ଓଡ଼ିଶା କୋଠାବାଡି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ତରଫରୁ ନିର୍ମାଣ କଲ୍ୟାଣ ଶ୍ରମିକ କଲ୍ୟାଣ ଯୋଜନା ସହାୟତା ବଣ୍ଟନ ଶିବିର ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗାବରା ତିରୁପତି ରାଓ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ବି. ସାୟାମ୍ମା, ଏନଏସି ଉପାଧ୍ୟକ୍ଷ ରଘୁରାମ ସାହୁ, ବିଡ଼ିଓ ଅନୁପ କୁମାର ପଣ୍ଡା, ଜିଲ୍ଲା ଶ୍ରମିକ ଅଧିକାରୀ ଲୋକନାଥ ପଣ୍ଡା, ସାଂସଦ ପ୍ରତିନିଧି ଆର ସତୀଶ କୁମାର ପ୍ରମୁଖ ମଞ୍ଚାସୀନ ଥିଲେ। ଉପସ୍ଥିତ ସମସ୍ତ ମଞ୍ଚାସୀନ ଅତିଥି ଶ୍ରମିକ କଲ୍ୟାଣ ଯୋଜନା ଉପରେ ମତ ପ୍ରକାଶ କରିଥିଲେ। ନିର୍ମାଣ ଶ୍ରମିକ ପଞ୍ଜୀକରଣ ପାଇଁ କିପରି ନିବେଦନ କରିବେ ଓ ଏହା ଦ୍ୱାରା ଶ୍ରମିକଙ୍କ ସହାୟତା ବିଷୟରେ ଉପସ୍ଥିତ ଶ୍ରମିକ ଓ ଜନସାଧାରଣଙ୍କୁ ଜିଲ୍ଲା




ଶ୍ରମିକ ଅଧିକାରୀ ଶ୍ରୀ ପଣ୍ଡା ଅବଗତ କରିଥିଲେ। ଏଥିରେ ନିର୍ମାଣ ଶ୍ରମିକ ଓ ଅଣ ସଂଗଠିତ ଶ୍ରମିକ ଭାବେ ଦୁଇ ଭାଗରେ ବିଭକ୍ତ କରାଯାଇଛି ଯାହାକି ୬୦ପ୍ରକାର ଶ୍ରେଣୀର ଶ୍ରମିକ ଅନ୍ତର୍ଭୁକ୍ତ ହୋଇଥିବା ବେଳେ ସେମାନଙ୍କ ପାଇଁ ବିଭିନ୍ନ ପ୍ରକାରର ସହାୟତା ରାଶିର ସୁବିଧା ରାଜ୍ୟ ସରକାର ଘୋଷଣା କରିଛନ୍ତି। ଜିଲ୍ଲାରେ ମୋଟ ୯୨୦ଜଣ ହିତାଧିକାରୀଙ୍କ ଭିତରୁ ୧୪୫ ଜଣଙ୍କୁ ଶ୍ରମିକ କାର୍ଡ ପ୍ରଦାନ କରାଯାଇଥିବା ବେଳେ ୭୭୫ଜଣଙ୍କୁ ୩କୋଟି ୨୪ଲକ୍ଷ ତେରହଜାର ଛଅ ଶହ ଟଙ୍କାର ଶିକ୍ଷା, ବିବାହ, ପ୍ରସୂତିକାଳୀନ, ଓ ମୃତ୍ୟୁକାଳିନ ସହାୟତା ରାଶିର ଚେକ୍ ପ୍ରଦାନ କରିଥିଲେ ଉପସ୍ଥିତ ଅତିଥି। ଉକ୍ତ କାର୍ଯ୍ୟକ୍ରମରେ କାଶୀନଗର, ଗୁମ୍ମା ଓ ଗୋଷାଣୀ ବ୍ଲକର ବହୁ ଶ୍ରମିକ ଓ ହିତାଧିକାରୀ ଉପସ୍ଥିତ ଥିଲେ। ବହୁ ଶ୍ରମିକ ପଞ୍ଜୀକୃତ ନବୀକରଣ କରିବା ପାଇଁ ବିଭିନ୍ନ ଅସୁବିଧା ସମ୍ମୁଖୀନ ହେଉଥିବା ବେଳେ ଏଥିପାଇଁ ଦୃଷ୍ଟି ଦେବା ସହ ଶ୍ରମିକଙ୍କ କିପରି ସୁବିଧା ପାଇବେ ସେଥିପାଇଁ ଉଚିତ୍ ପଦକ୍ଷେପ ନେବା ପାଇଁ ଜିଲ୍ଲା ଶ୍ରମିକ ଅଧିକାରୀଙ୍କୁ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶ୍ରୀ ରାଓ କହିଥିଲେ। ଗୁମ୍ମା ବ୍ଲକ ସହକାରୀ ଶ୍ରମିକ ଅଧିକାରୀ ଅନିଲ କୁମାର ବିଷୋୟୀ ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଦୁର୍ଘଟଣାରେ ୨ ଆହତ



**ଖଲ୍ଲିକୋଟ,୩୧ ।୧(ସମିସ):** ଖଲ୍ଲିକୋଟ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର କେଶପୁରରେ ବୁଧବାର ସିରିଜ ଦୁର୍ଘଟଣା ଘଟିଛି । ଆଗରେ ଯାଉଥିବା ବସ କେଶପୁର ଠାରେ ଯାତ୍ରୀ ଉଠେଇବା ପାଇଁ ଅଟକିବାରୁ ବସ ପଛରେ ଥିବା ବାଇକ ଓ ଦୁଇଟି କାର ଅଟକି ଥିଲା । କିନ୍ତୁ କାର ପଛରେ ଆସୁଥିବା ଏକ ଟ୍ରକ ନମ୍ବର (ପିବି ୦୫ ଏ ଏନ ୯୦୧୩) ନ ଅଟକି ଆଗରେ ଥିବା କାର ନମ୍ବର ଓଡ଼ି ୩୩ ଏଇ ୮୧୯ ୯କୁ ଧକ୍କା ଦେଇଥିଲା । ଫଳରେ ସେହି କାର ତା ଆଗରେ ଥିବା ଆଉ ଏକ କାର ନମ୍ବର (ଓଡ଼ି୦୫ ବି ଏମ୍ ୯୦୬୩) କୁ ଧକ୍କା ଦେଇଥିଲା । ଏହି କାର ତା ଆଗରେ ଥିବା ବାଇକ ନମ୍ବର (ଓଡ଼ି୦୭ୱାଇ ୬୬୬୩) କୁ ଧକ୍କା ଦେଇଥିଲା । ଫଳରେ ବାଇକ ଆରୋହୀ କେଶପୁର ତେନ୍ତୁଲିଆପଡା ଗ୍ରାମର କାଳିଆ ଜାଲି(୩୬) ଓ ବଚନ ଜାଲି(୩୧) ଆହତ ହୋଇଥିଲେ । ପୁଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ଆହତ ଦୁଇ ଜଣଙ୍କୁ ଖଲ୍ଲିକୋଟ ମେଡ଼ିକାଲକୁ ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରିଛି ।

# ବିଦ୍ୟୁତ୍ ଖୁଣ୍ଟକୁ ଧକ୍କାଦେଇ ଜଣେ ମୃତ

**ରଙ୍ଗେଇଲୁଣ୍ଡା,୩୧ ।୧(ସମିସ):** ଗୋଳନ୍ଥରା ଥାନା ଅଧୀନ ଷୋଳବିନ୍ଧା ମୁଖ୍ୟ ରାସ୍ତା ମଝିରେ ବିପଦ ସଂକୁଳ ଅବସ୍ଥାରେ ଥିବା ଏକ ବିଦ୍ୟୁତ ଖୁଣ୍ଟକୁ ବାଇକ ଧକ୍କା ଦେଇ ଜଣଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଗୋପାଳପୁର ଥାନା ଅନ୍ତର୍ଗତ କମଳାପୁରର ନାରାୟଣ ସାହୁ । ନାରାୟଣ ନିଜ ଶଶୁର ଘର ଦାସପୁରରେ ଏକ ଭୋଜିରେ ଯୋଗ ଦେବାକୁ ଆସି କୌଣସି କାମରେ ଷୋଳବିନ୍ଧା ଗାଁକୁ ଯାଉଥିବା ବେଳେ ମୁଖ୍ୟ ରାସ୍ତାରେ ମଝିରେ ବିପଦ ସଂକୁଳ ଅବସ୍ଥାରେ ଥିବା ଏକ ବିଦ୍ୟୁତ ଖୁଣ୍ଟକୁ ଧକ୍କା ଦେଇଥିଲେ । ଫଳରେ ରାସ୍ତାରେ ଛିଟିକି ପଡି ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା କ୍ଷ ବିଦ୍ୟୁତ, ପୂର୍ତ୍ତ ବିଭାଗର ଅବହେଳାରୁ ଦୁର୍ଘଟଣା ଘଟିଥିବା ନେଇ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ । ବିଦ୍ୟୁତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା ପରେ ରାସ୍ତାରୋକ ହଟିଥିଲା । ଅନ୍ୟ ପଟେ ବିପଦ ସଂକୁଳ ଅବସ୍ଥାରେ ଥିବା ରାସ୍ତା ମଝିରେ ଥିବା ଖୁଣ୍ଟକୁ ସ୍ଥାନାନ୍ତର ପାଇଁ ସରପଞ୍ଚ ଶ୍ରୀ ପାତ୍ର ବିଦ୍ୟୁତ ବିଭାଗକୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ବିଭାଗର ଖାମଖିଆଲି ଯୋଗୁଁ ସମ୍ଭବ ହୋଇ ପାରି ନଥିଲା । ଏ ନେଇ ସରପଞ୍ଚ ଶ୍ରୀ ପାତ୍ର ବିଦ୍ୟୁତ ବିଭାଗ ଓ ରାସ୍ତା ଓ କୋଠାବାଡି ଜେଇ ଏବଂ ଏସଡ଼ିଓଙ୍କ ବିରୋଧରେ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡିଛି । ପୁଲିସ ଥାନା କେସନଂ ୪୫/୨୪ ପ୍ରକାରେ ଦୁର୍ଘଟଣା ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି ।

● ବ୍ରହ୍ମପୁର ପୁଲିସ ଜିଲ୍ଲାରେ ଯୋଗଦେବେ ଦୁଇ ନୂତନ ଏସ୍‌ଡିପିଓ

# ଦେବୀ ଶଙ୍କରଙ୍କୁ ଟାଉନ୍, ସୁଭ୍ରାଂଶୁଙ୍କୁ ସଦର ଦାୟିତ୍ୱ

**ବ୍ରହ୍ମପୁର,୩୧ ।୧(ସମିସ):** ବ୍ରହ୍ମପୁର ପୁଲିସ ଜିଲ୍ଲାରେ ନୂତନ ଭାବେ ଦୁଇ ଏସଡ଼ିପିଓ ଯୋଗଦେବେ । ସେମାନେ ହେଲେ ଦେବୀ ଶଙ୍କର ପ୍ରତାପ ଓ ଶୁଭ୍ରାଂଶୁ ଶେଖର ପରିଡ଼ା । ଶ୍ରୀ ଦେବୀ ଶଙ୍କର ବର୍ତ୍ତମାନ ଚାନ୍ଦବାଲି ଏସ୍‌ଡ଼ିପିଓ ଭାବେ କାର୍ଯ୍ୟରତ ଥିବାବେଳେ ତାଙ୍କୁ ବ୍ରହ୍ମପୁର ପୁଲିସ ଜିଲ୍ଲାକୁ ବଦଳି ହୋଇଛି । ସେହିପରି କଟକ ସଦର ଏସଡ଼ିପିଓ ଶ୍ରୀ ପରିଡ଼ାଙ୍କୁ ମଧ ଏଠାକୁ ବଦଳି କରାଯାଇଥିବା ରାଜ୍ୟ ପୁଲିସ ମୁଖ୍ୟାଳୟରୁ ପ୍ରକାଶ ପାଇଥିବା ବିଜ୍ଞପ୍ତିରେ ଉଲ୍ଲେଖ ରହିଛି । ଆସନ୍ତା କିଛିଦିନ ମଧ୍ୟରେ ଉଭୟ ଏସଡ଼ିପିଓ ଦାୟିତ୍ୱ ଗ୍ରହଣ କରିବେ ବୋଲି ଜଣାପଡ଼ିଛି । ଅନ୍ୟପକ୍ଷରେ ବ୍ରହ୍ମପୁର ସଦର ଏସଡ଼ିପିଓ ଥିବା ଶିବ ଶଙ୍କର ମହାପାତ୍ରଙ୍କୁ ବ୍ରହ୍ମପୁର ପୁଲିସ ମୁଖ୍ୟାଳୟକୁ ବଦଳି ହୋଇଛି । ସେହିଭଳି ଟାଉନ ଏସଡ଼ିପିଓ ରାଜୀବ ଲୋଚନ ପଣ୍ଡା ଏସଡ଼ିପିଓରୁ ପଦୋନ୍ନତି ହୋଇ ଗଞ୍ଜାମ ପୁଲିସ ଜିଲ୍ଲାର ଅତିରିକ୍ତ ଏସପି ଭାବେ ଦାୟିତ୍ୱ ଗ୍ରହଣ କରି ସାରିଛନ୍ତି ।

# ସମାଜସେବୀ ହରିକୃଷ୍ଣ ନାୟକଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି



**ଗୋଷାଣି,୩୧ ।୧(ସମିସ):** ଗଜପତି ଜିଲ୍ଲା ଗୋଷାଣି ବ୍ଲକ ବଡଗୋଷାଣି ପଞ୍ଚାୟତ ଜଙ୍ଗଲପାଡୁ ଗ୍ରାମର ସମାଜସେବୀ ସ୍ୱର୍ଗତ ହରିକୃଷ୍ଣ ନାୟକଙ୍କ ଏକାଦଶାହ ଦିବସରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଏଥିରେ ଗ୍ରାମାଞ୍ଚଳ ବାସୀଙ୍କ ସମେତ ସାମ୍ବାଦିକ, ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗଦେଇ ସ୍ୱର୍ଗତ ହରିକୃଷ୍ଣଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହା ସହ ସ୍ୱର୍ଗତ ଆତ୍ମାର ସଦଗତି କାମନା କରିଥିଲେ । ସ୍ୱର୍ଗତ ହରିକୃଷ୍ଣ ଜଣେ ମେଳାପୀ, ଅମାୟିକ ତଥା ପରୋପକାରୀ ବ୍ୟକ୍ତି ଥିବା ବେଳେ ଅଞ୍ଚଳର ଜନସାଧାରଣଙ୍କ ବିଭିନ୍ନ ସମସ୍ୟାର ସମାଧାନ ଲାଗି ଯଥାସମ୍ଭବ ଚେଷ୍ଟା କରିଆସୁଥିଲେ । ପାଣିପଞ୍ଚାୟତର ସଭାପତି ଭାବେ ଦାୟିତ୍ୱ ତୁଲାଇ ଚାଷୀଙ୍କ ଲାଗି ବହୁ ଉପକାର କାମ କରିଥିଲେ ବୋଲି ସ୍ମୃତିଚାରଣ କରାଯାଇଥିଲା । ସ୍ୱର୍ଗତ ନାୟକଙ୍କ ଦୁଇ ପୁତ୍ରଙ୍କ ସମେତ ବିଧବା ସ୍ତ୍ରୀ ଥିବାବେଳେ ଦୁଇ ଭାଇ ଅଛନ୍ତି । ସେ ସ୍ୱର୍ଗତ ଜଗନ୍ନାଥ ନାୟକଙ୍କ ଜ୍ୟେଷ୍ଠ ପୁତ୍ର । ସ୍ୱର୍ଗତ ଜଗନ୍ନାଥ ନାୟକ ଅଞ୍ଚଳ ତଥା ଗୋଷାଣି ବ୍ଲକର ଜଣେ ଜଣାଶୁଣା ସମାଜସେବୀ ତଥା ରାଜନେତା ଥିଲେ ।

## ପୁଣି କଟାଗଲା ଦୁଇକୋଟି ଟଙ୍କାର ଗଞ୍ଜେଇ ଗଛ

# ଜଙ୍ଗଲ ଭିତରେ ଠାବ ହେଲା କୃତ୍ରିମ ପୋଖରୀ

**ଫିରିଙ୍ଗିଆ,୩୧ା୧(ସମିସ)**

ଦୁଇମାସ ହେଲା କନ୍ଧମାଳ ଜିଲ୍ଲାର ବିଭିନ୍ନ ଥାନା ପକ୍ଷରୁ ଅପରେସନ ନିଳଜହର ବା ବେଆଇଆନ ଗଞ୍ଜେଇ ଚାଷ ନଷ୍ଟ ଅଭିଯାନ ଜାରି ରହିଥିବା ବେଳେ ଜିଲ୍ଲା ଏସପିଙ୍କ ନିର୍ଦ୍ଦେଶ କ୍ରମେ କିଛିଦିନର ନୀରବତା ପରେ ପୁଣି ମଙ୍ଗଳବାର ଫିରିଙ୍ଗିଆ ପୁଲିସ ପ୍ରାୟ ବାଇଶି ଏକର ଜମିରେ ଚାଷ ହୋଇଥିବା ପ୍ରାୟ ଦୁଇକୋଟି ଟଙ୍କା ମୂଲ୍ୟର ଗଞ୍ଜେଇ ଗଛକୁ କାଟି ନଷ୍ଟ କରାଯାଇଛି । ମଙ୍ଗଳବାର ଫିରିଙ୍ଗିଆ ଥାନାରେ ଏସଆଇ ବିକାଶ କୁମାର ଜାଳିଙ୍କ ନେତୃତ୍ୱରେ ଫିରିଙ୍ଗିଆ ଥାନା ତଳଦଣ୍ଡିକିଆ ପଞ୍ଚାୟତର ଜୋକେ, ଡାଡିଲେଇ, ଅକାତ୍ରପା ଓ ବେହେରାପଖାଳ ଗାଁ ନିକଟରେ ଥିବା ଜଙ୍ଗଲ ଓ ପାହାଡ଼ରେ ଚଢ଼ଉ କରି ବେଆଇନ ଭାବେ ହୋଇଥିବା ଗଞ୍ଜେଇ ଚାଷକୁ ନଷ୍ଟ କରିଥିଲେ । ଗଞ୍ଜେଇ ଚାଷ ନଷ୍ଟ କରିବା ସମୟରେ ପୁଲିସ ଏକ କୃତ୍ରିମ ପୋଖରୀ ଠାବ କରିଥିବା ବେଳେ ପାହାଡ଼ ଉପରେ ଗଞ୍ଜେଇ ଚାଷ କରିବା ପାଇଁ ଗଞ୍ଜେଇ ଚାଷୀ ପାହାଡ଼ ଉପରେ ଥିବା ସମତଳ ଜାଗାରେ ଏମିତି କୃତ୍ରିମ ପୋଖରୀ ତିଆରି କରି ଚାଷ ପାଇଁ ପାଣି ସଂରକ୍ଷିତ ରଖୁଥିବା କୁହାହାଉଛି । ଏହି ଅଭିଯାନରେ ଫିରିଙ୍ଗିଆ ତହସିଲଦାର ଅନାମିକା ପାଣ୍ଡେ ମାଜିଷ୍ଟ୍ରେଟ ଭାବରେ ଉପସ୍ଥିତ ଥିଲେ ।



# ଅଟୋ ସହ ୩୨ କିଲୋ ଗଞ୍ଜେଇ ଜବତ

**ପାରଳାଖେମୁଣ୍ଡି,୩୧ ।୧(ସମିସ):** ଗଜପତି ଜିଲ୍ଲା ଗୋଷାଣି ବ୍ଲକ ଗାରବନ୍ଧ ପୁଲିସ ପକ୍ଷରୁ ବୁଧବାର ପାଟ୍ରୋଲିଂ କରାଯାଉଥିବା ବେଳେ ରମ୍ଭା-ଲିଙ୍ଗିପୁର ରାସ୍ତା ଅନ୍ତର୍ଗତ ଆମ୍ବାଝରୀ-କଳାପାଣି ଗ୍ରାମ ନିକଟରେ ଏକ ଅଟୋରୁ ୩୨ କିଲୋ ଗଞ୍ଜେଇ ଜବତ କରାଯାଇଛି । ସୂଚନା ପ୍ରକାରେ ଗାରବନ୍ଧ ଥାନା ଅଧିକାରିଣୀ ରୀନାରାଣି ସାହୁଙ୍କ ତତ୍ତ୍ୱାବଧାନରେ ଉଲ୍ଲେଖିତ ରାସ୍ତାରେ ପାଟ୍ରୋଲିଂ କରାଯାଉଥିବା ସମୟରେ ଆମ୍ବାଝରୀ କଳାପାଣି ଗ୍ରାମ ନିକଟରେ ରମ୍ଭା ଆଡକୁ ଯାଉଥିବା ଏକ ଅଟୋ ହଠାତ ଅଟକିଯାଇଥିଲା । ପୁଲିସ ଗାଡିକୁ ଦେଖି ଚାଳାଣକାରୀ ଅଟୋକୁ ରଖିଦେଇ ଚମ୍ପଟ ମାରିଥିଲେ । ଅଟୋ ହଠାତ ଅଟକିଯିବା ଦେଖି ପୁଲିସ ଯାଇ ଯାଞ୍ଚ କରିବା ବେଳେ ସେଥିରେ ଗଞ୍ଜେଇ ଥିବା ଦେଖାଯାଇଥିଲା । ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଡେପୁଟି କଲେକ୍ଟର ସୁଚିସ୍ମିତା ମାଝୀଙ୍କ ଉପସ୍ଥିତିରେ ଜବତ ଗଞ୍ଜେଇକୁ ଓଜନ କରାଯିବାରେ ତାହା ୩୨ କିଲୋ ଥିବା ଜଣାପଡିଥିଲା । ଏନେଇ ଗାରବନ୍ଧ ଥାନାରେ ମାମଲା ରୁଜୁ କରାଯାଇଛି ।



# ବାଇକ୍ ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

**କାଶୀନଗର,୩୧ା୧(ସମିସ):** ଗଜପତି ଜିଲ୍ଲା କାଶୀନଗର ଥାନା ଅଙ୍କରଡ଼ା ଗ୍ରାମ ନିକଟସ୍ଥ ରାଜ୍ୟ ମୁଖ୍ୟ ରାସ୍ତାରେ ଏକ ବାଇକରେ ଦୁଇଜଣ ଯାଉଥିବା ବେଳେ ସମ୍ମୁଖରୁ ଏକ କୁକୁର ଆସିଯିବାରୁ ଭାରସାମ୍ୟ ହରାଇ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ । ଏଥିରେ ବାଇକ ଚାଳକଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା । ପଛରେ ବସିଥିବା ଯୁବତୀ ଜଣକ ଗୁରୁତର ଆହତ ହୋଇଥିବା ଜଣାପଡିଛି । ଘଟଣା ସ୍ଥଳରେ କାଶୀନଗର ଅଗ୍ନିଶମ ବିଭାଗ କର୍ମଚାରୀ ଓ ୧୦୮ ଆମ୍ବୁଲାନ୍ସ ପହଞ୍ଚି ଦୁର୍ଘଟଣାରେ ଆହତ ଦୁଇ ଜଣଙ୍କୁ କାଶୀନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥଲେ । ବାଇକ ଚାଳକଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ଯୁବତୀଙ୍କ ଅବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ପାଇଁ ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ମୃତକ ଜଣକ ହେଲେ ପୁଟାସିଂ ଥାନା ତେଲଗୁଡ ଗ୍ରାମର ଗ୍ରେଟସନ ଦଳବେହେରା । ଯୁବତୀ ଜଣକ ଗାରବନ୍ଦା ଥାନା ଲୁମୁଡ଼ାସିଂ ଗ୍ରାମର ସୁନେମି ଶବର ବୋଲି ଜଣାପଡିଛି । ପୁଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ ଜବତ କରିବା ସହ ତଦନ୍ତ କରୁଛି ।

# ବ୍ରହ୍ମପୁର ସିଟି ମହାବିଦ୍ୟାଳୟର ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଯାପିତ



**ବ୍ରହ୍ମପୁର,୩୧ ।୧(ସମିସ):** ବ୍ରହ୍ମପୁର ସିଟି ମହାବିଦ୍ୟାଳୟଓ ବ୍ରହ୍ମପୁର ସିଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଜାରି ରହିଥିବା ଓଡିଆ ଭାଷା ସମ୍ମିଳନୀ ଉଦଯାପନ ହୋଇଯାଇଛି । ଅନୁଷ୍ଠାନର ଅଧକ୍ଷା ଡ. ଅନୀତା କୁମାରୀ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ରୂପେ ଦକ୍ଷିଣାଞ୍ଚଳ ଉଚ୍ଚମାଧ୍ୟମିକ ଶିକ୍ଷା ପରିଷଦର ଉପସଚିବ ଡ.କୁଳମଣି ଓଝା ଯୋଗଦେଇ ଓଡିଆ ଭାଷାର ଅସ୍ମିତା ଓ ପ୍ରାଚୀନତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହା ସହ ଜଗନ୍ନାଥ ଧର୍ମର ମାନବିକତା ବିଶ୍ୱାୟନ ସମ୍ପର୍କରେ ଆଲୋକପାତ କରିଥିଲେ । ସେହିପରି ସମ୍ମାନୀତ ଅତିଥି ଭାବେ ଖଲ୍ଲିକୋଟ ରାମଚନ୍ଦ୍ର ମର୍ଦ୍ଦରାଜ ମହାବିଦ୍ୟାଳୟର ପ୍ରାକ୍ତନ ଓଡିଆ ବିଭାଗର ମୁଖ୍ୟ ଡ. ପ୍ରକାଶଚନ୍ଦ୍ର ପାଣିଗ୍ରାହୀ ଜଗନ୍ନାଥ ସଂସ୍କୃତିର ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ପୂର୍ବରୁ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ବିଭିନ୍ନ ପ୍ରତିଯୋଗିତାରେ କୃତି ଅର୍ଜନ ପ୍ରତିଯୋଗୀତାଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଯୁକ୍ତ ତିନିର ନୋଡାଲ୍ ଅଫିସର ଡ.ସସ୍ମିତା ମିଶ୍ର ସଭାକାର୍ଯ୍ୟ ପରିଚାଳନା କରିଥିବା ବେଳେ ଯୁକ୍ତ ଦୁଇ ନୋଡାଲ୍ ଅଫିସର ଡ.ସସ୍ମିତା କୁମାରୀ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଧାପିକା ସୁଶ୍ରୀ ମମତା ଦାସ ମଞ୍ଚ ପରିଚାଳନା କରିଥିଲେ । ପରିଶେଷରେ ଅଧାପିକା ମାନିନୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ନୂତନ ବନାଞ୍ଚଳ ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ



**ଦାରିଙ୍ଗବାଡି,୩୧ା୧(ସମିସ):** କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବନଖଣ୍ଡ ଅଧୀନ ବ୍ରାହ୍ମଣୀଗାଁ ବନାଞ୍ଚଳ ଅଧିକାରୀ ଭାବେ ହରିହର ବେହେରା ମଙ୍ଗଳବାର କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ସେ ଏହା ପୂର୍ବରୁ ଅନୁଗୁଳ ଜିଲ୍ଲାର କଦଳିଗଡ଼ କେଏଲ୍ ବନାଞ୍ଚଳରେ ବନାଞ୍ଚଳ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ । ତତ୍କାଳୀନ ଭାରପ୍ରାପ୍ତ ବନାଞ୍ଚଳ ଅଧିକାରୀ ବିରେନ୍ଦ୍ର ପଟ୍ଟନାୟକ ଅବସର ନେବା ପରେ ଶ୍ରୀ ବେହେରା ଦାୟିତ୍ୱ ଗ୍ରହଣ କରିଛନ୍ତି ।

# ବାଲ୍ୟବିବାହ ବନ୍ଦକଲା ଗଜପତି ଜିଲ୍ଲା ପ୍ରଶାସନ

**ପାରଳାଖେମୁଣ୍ଡି,୩୧ ।୧(ସମିସ):** ଗଜପତି ଜିଲ୍ଲା କାଶୀନଗର ବ୍ଲକ ଖାଣ୍ଡବା ଗ୍ରାମରେ ଆଗାମୀ ଦିନରେ ହେବାକୁ ଥିବା ତିନୋଟି ବାଲ୍ୟବିବାହକୁ ବନ୍ଦ କରିଛି ଜିଲ୍ଲା ପ୍ରଶାସନ । ଉକ୍ତ ବାଲ୍ୟ ବିବାହ ସମ୍ପର୍କରେ କୌଣସି ସୂତ୍ରରୁ କାଶୀନଗର ବାଲ୍ୟବିବାହ ନିଷେଧ ଅଧିକାରିଣୀ କନକଲତା ପୂଜାରୀ ଜାଣିବାକୁ ପାଇଥିଲେ । ଖବର ପାଇ ସେ ବାଲ୍ୟବିବାହ ନିଷେଧ ଟାସ୍କଫୋର୍ସରେ ଥିବା ଅନ୍ୟ ସଦସ୍ୟଙ୍କୁ ଅବଗତ କରିଥିଲେ । ଏହାପରେ ବାଲ୍ୟବିବାହକୁ ରୋକିବା ନିମନ୍ତେ ଏକ ଟିମ୍ ଗଠନ କରାଯାଇଥିଲା । ଉକ୍ତ ଟିମ୍‌ରେ ଆଇସିଡ଼ିଏସ ମହିଳା ସୁପରଭାଇଜର ଭାଗ୍ୟବତୀ ପଟ୍ଟନାୟକ, କାଶୀନଗର ଥାନାର ଏସ୍‌ଆଇ ମମତା ପଣ୍ଡା, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ଆଇନ ପରିବେକ୍ଷଣ ଅଧିକାରୀ ଜୟପ୍ରକାଶ ବାଡ଼ତ୍ୟା, ସଖୀ ୱାନଷ୍ଟପ କେନ୍ଦ୍ରର ପ୍ରଶାସକ ସୁନିତା ରଥ ଥିଲେ । ସେମାନଙ୍କ ସହ ଖାଣ୍ଡବା ସରପଞ୍ଚ ସି.ଏଚ୍. ମାଧବୀ ଏବଂ ସମିତିସଭ୍ୟ ଜଗନ୍ନାଥ ଦୋରା ଯୋଗ ଦେଇ ଉକ୍ତ ସ୍ଥାନକୁ ଯାଇ ହେବାକୁ ଥିବା ବାଲ୍ୟ ବିବାହକୁ ବନ୍ଦ କରିଥଲେ । ଏହାପରେ ବିବାହ ହେବାକୁ ଥିବା ଝିଅଙ୍କ ଜନ୍ମ ପ୍ରମାଣ ପତ୍ର ଯାଞ୍ଚ କରାଯାଇଥିଲା ଏବଂ ଅଭିଭାବକଙ୍କୁ ବାଲ୍ୟବିବାହ ର କୁପ୍ରଭାବ ସମ୍ପର୍କରେ ସଚେତନ କରାଯାଇଥିଲା । ଗ୍ରାମବାସୀଙ୍କ ଉପସ୍ଥିତିରେ ଅଭିଭାବକ ଝିଅକୁ ୧୮ ବର୍ଷ ପୂରଣ ହେବା ଯାଏ ବିବାହ ଦେବେ ନାହିଁ ଏବଂ ଯଦି ଏଥିରେ ତ୍ରୁଟି କରିବେ ତେବେ ଆଇନ ଅନୁଯାୟୀ ଦଣ୍ଡିତ ହେବେ ବୋଲି ଲିଖିତ ଆକାରରେ ଜଣାଇଥିଲେ । ଏହା ସହ ଝିଅକୁ ୧୮ ବର୍ଷ ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ବାଲ୍ୟ ବିବାହ ନିରୋଧ ଟାସ୍କଫୋର୍ସ ଦ୍ୱାରା ନିୟମିତ ପରାମର୍ଶ ଦେବା ସହ ଆବଶ୍ୟକ ଥଇଥାନ ଗ୍ରହଣ କରାଯିବାକୁ ନିଷ୍ପତ୍ତି ନିଆଯାଇଛି ।



# ବିଇଏମ୍‌ସିରେ ଭୀମଭୋଇ ସାମର୍ଥ୍ୟ ଶିବିର



**ବ୍ରହ୍ମପୁର,୩୧ ।୧(ସମିସ):** ବ୍ରହ୍ମପୁର ମହାନଗର ନିଗମ କାର୍ଯ୍ୟାଳୟ ପରିସରରେ ଭୀମଭୋଇ ସାମର୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି । ଏଥିରେ ବିଧାୟକ ତଥା ଜିଲ୍ଲା ଯୋଜନା ବୋଡର୍ ଅଧକ୍ଷ ବିକ୍ରମ କୁମାର ପଣ୍ଡା, ମେୟର ସଂଘମିତ୍ରା ଦଳେଇ, ଡ଼େପୁଟି ମେୟର ଇ ବିବେକ ରେଡ଼ୀ ପ୍ରମୁଖ ଯୋଗଦେଇ ଭିନ୍ନକ୍ଷମ ହିତାଧିକାରୀଙ୍କୁ ବିଭିନ୍ନ ଉପକରଣ ବଣ୍ଟନ କରିଥିଲେ । ସେହିଭଳି କାଜୁ ନିଗମ ଅଧକ୍ଷ ସୁବାଷ ମହାରଣା, ଡେପୁଟି କମିଶନର ବିଶ୍ୱଜିତ ରାୟ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରିଣୀ କଲ୍ୟାଣି ଦାସ, ଏନଫୋର୍ସମେଣ୍ଟ ଅଫିସର ତରୁଣ କାନ୍ତ ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ ମହାନଗର ନିଗମର ସମସ୍ତ ୱାର୍ଡରୁ ୨୯୪ଜଣ ଭିନ୍ନକ୍ଷମ ବିଭିନ୍ନ ସେବା ପାଇବା ଲାଗି ପଞ୍ଜିକରଣ କରିଥିଲେ । ୧୯ ଜଣଙ୍କୁ ଟ୍ରାଇ ସାଇକେଲ ବଣ୍ଟନ କରାଯାଇଥିବା ବେଳେ ୧୪ ଜଣଙ୍କୁ ୱିଲ ଚେୟାର, ୪ ଜଣଙ୍କୁ ଆଶାବାଡି, ୯୩ ଜଣଙ୍କୁ ବସ କନସେସନ ପାସ, ୧୦ଜଣ ଦୃଷ୍ଟିବାଧିତଙ୍କୁ ଚଷମା, ୮୪ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ଓ ୩୩ଜଣଙ୍କୁ ଶ୍ରବଣ ବାଧିତ ଯନ୍ତ୍ର ପ୍ରଦାନ କରାଯାଇଥିଲା । ସକାଳ ୮ ଘଣ୍ଟାଠାରୁ ଆରମ୍ଭ ହୋଇ ଏହି ଶିବିର ଅପରାହ୍ନ ୪ ଟା ପର୍ଯ୍ୟନ୍ତ ଜାରି ରହିଥିଲା । ଅନ୍ୟପକ୍ଷରେ ଶିବିରରେ ଅସ୍ଥିଶଲ୍ୟ ଡାକ୍ତରଙ୍କ ମନମୁଖି କାର୍ଯ୍ୟ ଯୋଗୁଁ ବହୁ ସମୟ ଧରି ଭିନ୍ନକ୍ଷମମାନେ ଅସୁବିଧାର ଶିକାର ହୋଇଥିବା ଅଭିଯୋଗ ହୋଇଛି । ପରବର୍ତ୍ତୀ ସମୟରେ ଜିଲ୍ଲାପ୍ରଶାନର ହସ୍ତକ୍ଷେପ ପରେ ସ୍ଥିତିରେ ସୁଧାର ଆସିଥିଲା । କାର୍ଯ୍ୟକ୍ରମକୁ ବ୍ରହ୍ମପୁର ମହାନଗର ନିଗମ ଦାୟିତ୍ୱରେ ଥିବା ସାମାଜିକ ସୁରକ୍ଷା ଅଧିକାରୀ ମନୋଜ କୁମାର ପ୍ରଧାନ ଓ ସୁରେନ୍ଦ୍ର ସାମଲ ସଂଯୋଜନା କରିଥିବା ବେଳେ ସମସ୍ତ କର୍ପୋରେଟର, ଗୋଷ୍ଠି ସଂଯୋଜିକା ଓ କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ । ଏଭଳି ଶିବିର ଭିନ୍ନକ୍ଷମଙ୍କୁ ଗୋଟିଏ ସ୍ଥାନରେ ସମସ୍ତ ପ୍ରକାର ସୁବିଧା ଯୋଗାଇବାରେ ବିଶେଷ ସହଯୋଗ ହେଉଥିବା ଏଠାରେ କୁହାଯାଇଛି ।

# ଶିଶୁସୁରକ୍ଷା ନେଇ ସ୍ୱେଚ୍ଛାସେବୀଙ୍କୁ ପ୍ରଶିକ୍ଷଣ

**ପାରଳାଖେମୁଣ୍ଡି,୩୧ ।୧(ସମିସ):** ଗଜପତି ଜିଲ୍ଲା କାଶୀନଗରସ୍ଥିତ ଶ୍ରୀରାମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସ୍ୱେଚ୍ଛାସେବୀଙ୍କୁ ନେଇ ଜିଲ୍ଲାର ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ପ୍ରତିଜ୍ଞା' ଉପରେ ଦିନିକିଆ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ଜରିଆରେ ସୁରକ୍ଷା ଆବଶ୍ୟକ କରୁଥିବା ଝିଅଙ୍କୁ ଶିଶୁ ସୁରକ୍ଷାର ବିଭିନ୍ନ ଦିଗ ଉପରେ ସୂଚନା ଦେଇ ସଶକ୍ତ କରିବା ଏବଂ ସେମାନଙ୍କ ନେତୃତ୍ୱରେ ବିଭିନ୍ନ ସୂଚନା ଜିଲ୍ଲା ପ୍ରଶାସନ ପାଖରେ ପହଞ୍ଚାଇବା ରହିଛି । ଏହି କାର୍ଯ୍ୟକ୍ରମକୁ କଲେଜର ଅଧକ୍ଷ ନବକୃଷ୍ଣ ସାହୁକାର ଉଦଘାଟନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଶ୍ରୀରାମ ଉଚ୍ଚ ମାଧମିକ ବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଓ ୟୁଥ ରେଡକ୍ରସର ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ଆଇନ ପର୍ଯ୍ୟବେକ୍ଷଣ ଅଧିକାରୀ ଜୟ ପ୍ରକାଶ ବାଡତିଆ, ସିସିଡ଼ି ସ୍ୱେଚ୍ଛାସେବୀ ଅନୁଷ୍ଠାନର ଜିଲ୍ଲା ସଂଯୋଜକ ବିଜୟ କେଶରୀ ପ୍ରଧାନ, ୟୁଥ୍ ରେଡକ୍ରସର ସଂଯୋଜକ କୈଳାଶ ଚନ୍ଦ୍ର ପ୍ରଧାନ ଓ ଏନ୍‌ଏସ୍‌ଏସ୍‌ର ସଂଯୋଜକ କଳ୍ପନା ବେହେରା ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ପରିଚାଳନା କରିଥିଲେ ।

# କୁଇ ଲିପି ସ୍ରଷ୍ଟା ଦୀନବନ୍ଧୁ କହଁରଙ୍କୁ ଆଦିବାସୀ ପ୍ରତିଭା ସମ୍ମାନ



**ଫିରିଙ୍ଗିଆ,୩୧ା୧(ସମିସ)**

କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ୍ ସିମିଳି ସାହି ଗ୍ରାମର କୁଇ ଲିପି ସୃଷ୍ଟିକର୍ତ୍ତା ଦୀନବନ୍ଧୁ କହଁରଙ୍କୁ "ଆଦିବାସୀ ପ୍ରତିଭା ସମ୍ମାନ'ରେ ସମ୍ମାନିତ କରାଯାଇଛି । ଦୀନବନ୍ଧୁ କୁଇ ଭାଷା ସାହିତ୍ୟକୁ ସମୃଦ୍ଧ କରିବା ସହିତ କୁଇ ଲିପି ଉଦ୍ଭାବନ କରିଥିଲେ । ଓଡ଼ିଶାରେ ଏକମାତ୍ର କୁଇ ଭାଷାକୁ ନେଇ ଗଠିତ କୁଇ ଭାଷା ସାହିତ୍ୟ ସମିତିର ସଭାପତି ଦାୟିତ୍ୱ ତୁଲାଇବା ସହ କୁଇ ଭାଷାରେ ଅନେକ ପୁସ୍ତକ ଲେଖି ପ୍ରତିଭା ପ୍ରଦର୍ଶନ କରି ପାରିଛନ୍ତି । ଦୀର୍ଘ ବର୍ଷ ଧରି କୁଇ ସାହିତ୍ୟ ସୃଷ୍ଟି କରି ଲିଭି ଯାଉଥିବା ଭାଷାକୁ ପ୍ରାଣ ପ୍ରତିଷ୍ଠା କରିବାରେ ସେ ମୁଖ୍ୟ ଭୂମିକା ନିଭାଇଛନ୍ତି । ଫଳସ୍ୱରୂପ ଆଜି ତାଙ୍କର ପ୍ରତିଭାକୁ ସରକାର ସ୍ୱୀକୃତି ଦେଇଛନ୍ତି । ଓଡ଼ିଶାରେ ଦଶଜଣ ଆଦିବାସୀ ପ୍ରତିଭା ସମ୍ମାନିତ ହୋଇଛନ୍ତି । ତନ୍ମଧ୍ୟରୁ କନ୍ଧମାଳ ଜିଲ୍ଲାର ଶ୍ରୀ କହଁର ଅନ୍ୟତମ । ସେ ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର୍ କୋପରେଟିଭ୍ ସୋସାଇଟିରୁ ଅବସର ନେବା ପରେ କୁଇ ଭାଷା ସାହିତ୍ୟକୁ ଉଦ୍‌ଜୀବିତ କରିବା ପାଇଁ ଆପ୍ରାଣ ଉଦ୍ୟମ କରୁଛନ୍ତି । ସାଧାରଣତନ୍ତ୍ର ଦିବସରେ ଭୁବନେଶ୍ୱରସ୍ଥିତ ଆଦିବାସୀ ପଡ଼ିଆ ୟୁନିଟ୍-୧୦ରେ ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ,ଓଡ଼ିଶା ସରକାରଙ୍କ ତରଫରୁ ଆୟୋଜିତ ଆଦିବାସୀ ମେଳାରେ ଜନଜାତି ସାହିତ୍ୟକୃତି ପାଇଁ ତାଙ୍କୁ ମନ୍ତ୍ରୀ ଜଗନ୍ନାଥ ସାରକା, ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ବିଭାଗର ସଚିବ ରୂପାରୋସନ୍ ସାହୁ, ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ , ଅତିରିକ୍ତ ନିର୍ଦ୍ଦେଶକ ସମରେନ୍ଦ୍ର ଭୂତିଆ ଓ ଉପ ନିର୍ଦ୍ଦେଶକ ସନ୍ତୋଷ ରଥ ଉପସ୍ଥିତିରେ ସମ୍ମାନିତ କରାଯାଇଥିଲା ।

# ପଞ୍ଚାୟତସ୍ତରୀୟ ସଚେତନତା ଶିବିର



**ବ୍ରହ୍ମପୁର,୩୧ ।୧(ସମିସ):** ଗୋପାଳପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରଙ୍ଗେଇଲୁଣ୍ଡା ବ୍ଲକର ନାରାୟଣପୁର ଗ୍ରାମପଞ୍ଚାୟତଠାରେ "ଗ୍ରାମାଞ୍ଚଳ ଭିତ୍ତିଭୂମିର ବିକାଶ ଓ ରୂପାନ୍ତିକରଣ' ତଥା ପଞ୍ଚାୟସ୍ତରୀୟ ସଚେତନତା ଶିବିର ଆୟୋଜିତ ହୋଇଛି । ଏଥିରେ ବ୍ରହ୍ମପୁର ବିଧାୟକ ତଥା ଜିଲ୍ଲା ଯୋଜନା ବୋଡର୍ ଅଧକ୍ଷ ବିକ୍ରମ କୁମାର ପଣ୍ଡା ଯୋଗଦେଇ ଉଦାଘଟନ କରିଥିଲେ । ଏଥିରେ ସ୍ଥାନୀୟ ଜନ ପ୍ରତିନିଧି ଉପସ୍ଥିତ ଥିଲେ । ମୁଖ୍ୟମନ୍ତ୍ରୀ ବିଭିନ୍ନ ଯୋଜନା ଜରିଆରେ ଗ୍ରାମାଞ୍ଚଳର ବିକାଶ କରୁଛନ୍ତି । ୫ଟି ମାଧ୍ୟମରେ ବିଦ୍ୟାଳୟ, ମନ୍ଦିର, ପାର୍କ, କୋଠଘର ଇତ୍ୟାଦିର ରୂପାନ୍ତିକରଣ ହେଉଛି । ମିଶନ ଶକ୍ତି ଦ୍ୱାରା ନାରୀ ସଶକ୍ତିକରଣ ମହିଳାମାନଙ୍କ ଲାଗି ନୂତନ ଦିଶା ସାଜିଛି । ସେହିଭଳି ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ଜଳସେଚନ, ପିଇବା ପାଣି ଆଦିରେ ପ୍ରଚୁର ସୁବିଧା ସୁଯୋଗ ମିଳୁଛି ବୋଲି ସେ କହିଥିଲେ । (ରିପୋର୍ଟ-କ୍ଷୀରସିନ୍ଧୁ)

